# ପ୍ରତିଶ୍ରୁତି ଦେଇ ଭୁଲିଗଲେ

■ ପୂରଣ ହେଉନି ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି
■ ଚାତକ ପରି ଚାହିଁ ବସିଛନ୍ତି ଜିଲାବାସୀ

ଭଦ୍ରକ,୧୯।୧୦(ସନାତନ ରାଉତ)

ରାଜ୍ୟରେ ଭାଜପା ସରକାରକୁ ୪ ମାସ ପୂରିଲା। ନିର୍ବାଚନ ବେଳେ ଭାଜପାର କେନ୍ଦ୍ରୀୟ ନେତାମାନେ ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂଆ ସରକାର ଗଠନ ହେଲା, କିନ୍ତୁ ଭଦ୍ରକବାସୀଙ୍କ ଏହି ମୁଖ୍ୟ ଦାବି ପୂରଣ ହୋଇପାରିଲା ନାହିଁ। ପ୍ରତିଶ୍ରୁତି ଦେଇ ଭୁଲିଗଲେ। ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ଭଦ୍ରକ ଜିଲାର ହୋଇଥିଲେ ମଧ୍ୟ ସରକାର ଏନେଇ ନୀରବ ରହିଥିବା କୁହାଯାଉଥିବା ବେଳେ ଏହାକୁ ନେଇ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି।

ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜଙ୍କୁ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ପଦ ମିଳିବା ପରେ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଖୁବ୍‌ଶୀଘ୍ର ମିଳିବ ବୋଲି ଜିଲାବାସୀ ଆଶା ରଖିଥିଲେ। କିନ୍ତୁ ୪ ମାସ ବିତିଯାଇଥିଲେ ମଧ୍ୟ କେବେ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବ ବୋଲି ଜିଲାବାସୀ ଚାତକ ପରି ଚାହିଁ ବସିଛନ୍ତି।



ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ।

ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ରୀୟ ନେତାମାନେ ସଭା ମଞ୍ଚରେ ପ୍ରତିଶ୍ରୁତି ଦେଇଥିଲେ ଯେ ଭାଜପା ସରକାର ଆସିଲେ ୩ ମାସରେ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ ୬ ମାସ ମଧ୍ୟରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। କିନ୍ତୁ ସରକାର ଗଠନ ହେବାର ୪ ମାସ ବିତିଯାଇଥିଲେ ମଧ୍ୟ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିପାରି ନାହିଁ। ଅପରପକ୍ଷେ ଭଦ୍ରକ କଲେଜର ଶୈକ୍ଷିକ ବାତାବରଣ ବିଗିଡ଼ି ଯାଇଛି। ବାରମ୍ବାର ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରାଯାଉଥିବାରୁ କଲେଜ ପରିସର ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏହାକୁ ଭରଣା କରିବା ପାଇଁ ଜିଲା ପ୍ରଶାସନ ଓ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରେ କଷ୍ଟକର ହୋଇପଡ଼ିଛି।

ସେହିପରି ଭଦ୍ରକ ଜିଲାରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ଜଟିଳ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସ୍ୱାସ୍ଥ୍ୟସେବାକୁ ବିପର୍ଯ୍ୟସ୍ତ କରିଛି। ଜିଲାର ୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୫୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ୫ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ ରୋଗୀମାନେ ଘରୋଇ ଡାକ୍ତରଖାନା ମୁହାଁ ହେଉଛନ୍ତି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ପଡ଼ୋଶୀ ଯାଜପୁର, କେନ୍ଦୁଝର, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାର ଲୋକେ ନିର୍ଭର କରନ୍ତି। ଭଦ୍ରକ ସହର ଦେଇ ୧୬ ନଂ. ଜାତୀୟ ରାଜପଥ ଅବସ୍ଥିତି ଯୋଗୁ ଆପତକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଏକମାତ୍ର ଭରସା।

ଦୀର୍ଘବର୍ଷ ଧରି ଜିଲାବାସୀଙ୍କ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାର ପୂରଣ କରିବାରେ ଅସମର୍ଥ ହୋଇଥିଲେ। ଏହି ଦୁର୍ବଳତାକୁ ନିର୍ବାଚନ ବେଳେ ଭାଜପା ଜିଲାରେ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ଏହାର ଫାଇଦା ମଧ୍ୟ ମିଳିଥିଲା। କିନ୍ତୁ ସରକାର ଆସିବା ପରେ ଦାବି ପୂରଣରେ ବିଳମ୍ବ ଜିଲାବାସୀଙ୍କୁ ବ୍ୟଥିତ କରିଛି। ଏପରିକି ମୁଖ୍ୟ ଚିକିତ୍ସାଳୟକୁ ଗେଲପୁରଠାରେ ନିର୍ମାଣ ହୋଇଥିବା ଜିଲା ମୁଖ୍ୟ ଡାକ୍ତରଖାନାର ନୂତନ କୋଠାକୁ ଚଳିତବର୍ଷ ଅଗଷ୍ଟ ୧୫ରେ ସ୍ଥାନାନ୍ତର ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ୨ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାନାନ୍ତର ହୋଇପାରି ନାହିଁ। ଏନେଇ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର କହିଛନ୍ତି, ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରଙ୍କ ନିକଟରେ ଦାବି କରିବା ସହ ଉଦ୍ୟମ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଘୋଷଣା କରାଯିବ।

## ସଂକ୍ଷେପରେ

## ସ୍କୁଲରେ ତାଲା ପଡ଼ିବା ପରେ ଶିକ୍ଷକ ନିଯୁକ୍ତି

ଧାମନଗର,୧୯।୧୦ (ଦେବେନ୍ଦ୍ର ଆଣ୍ଡିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆସ୍ଥିତ ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟରେ ଶନିବାର ଜଣେ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ କଲ୍ୟାଣୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ମାହାଲଙ୍କୁ ଏଠାରେ ନିଯୁକ୍ତ କରିଛନ୍ତି। ଯେପର୍ଯ୍ୟନ୍ତ ଏଠାରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି, ସେପର୍ଯ୍ୟନ୍ତ ଶିକ୍ଷକ ମାହାଲ କାର୍ଯ୍ୟ ତୁଲାଇବେ ବୋଲି ମଣ୍ଡଳ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୬୫ ଛାତ୍ରୀଛାତ୍ର ଅଛନ୍ତି। ଶିକ୍ଷକ ଅଭାବ ନେଇ ସ୍ଥାନୀୟ ଲୋକେ ଓ ଅଭିଭାବକ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଶୁକ୍ରବାର ଗ୍ରାମବାସୀ ଓ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ଶନିବାର ମଧ୍ୟ ସ୍କୁଲ ଫାଟକରେ ତାଲା ପଡ଼ିବା ଯୋଗୁ ଶିକ୍ଷାଦାନ ବନ୍ଦ ରହିଥିଲା। ଶେଷରେ ଆଉ ଜଣେ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ମିଳିବା ପରେ ସୋମବାରଠାରୁ ଶିକ୍ଷାଦାନ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

## ରାଷ୍ଟ୍ରୀୟ ପୋଷଣ କାର୍ଯ୍ୟକ୍ରମରେ ରାଜ୍ୟରେ ଭଦ୍ରକ ପ୍ରଥମ

ଭଦ୍ରକ,୧୯।୧୦(ସନାତନ ରାଉତ)

ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୪ କାର୍ଯ୍ୟକ୍ରମ ପାଳନରେ ରାଜ୍ୟରେ ଭଦ୍ରକ ପ୍ରଥମ ହୋଇଛି। ଜିଲାରେ ୧ ଲକ୍ଷ ୯୩ ହଜାର ୧୦୮ କାର୍ଯ୍ୟକ୍ରମ କରିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ୩ ଲକ୍ଷ ୧୯ ହଜାର ୯୧୬ଟି କାର୍ଯ୍ୟକ୍ରମ କରାଯାଇଛି। ଶୁକ୍ରବାର ମହିଳା ଏବଂ ଶିଶୁ ବିକାଶ ବିଭାଗର ସଚିବ ଭଦ୍ରକ ଏହି କାର୍ଯ୍ୟକ୍ରମରେ ପ୍ରଥମ, ଗଞ୍ଜାମ ଦ୍ୱିତୀୟ ଓ କେନ୍ଦ୍ରାପଡ଼ା ତୃତୀୟ ହୋଇଥିବା ଘୋଷଣା କରିଛନ୍ତି। ସାରା ଦେଶରେ ସେପ୍ଟେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଭଦ୍ରକ ଜିଲାରେ ଜିଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ୨୪୩୫ଟି ଅଙ୍ଗନୱାଡ଼ି, ୯୪ଟି ଆଇସିଡିଏସ୍ ସେକ୍ଟର ଏବଂ ଜିଲାସ୍ତରରେ ପାଳନ କରାଯାଇଥିଲା। ମୁଖ୍ୟ ବିଷୟବସ୍ତୁ 'ମୁଁ ପୋଷିତ କିଶୋରୀ ସଶକ୍ତ ନାରୀ' ରହିଥିବା ବେଳେ ଏହାକୁ ଆଧାର କରି ୭ଟି ସହ ବିଷୟବସ୍ତୁକୁ ନେଇ ୫୫ ପ୍ରକାର କାର୍ଯ୍ୟକ୍ରମ କରାଯାଇଥିଲା। ଭଦ୍ରକ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ପୁଷ୍ପଲତା ପାତ୍ର ଓ କାର୍ଯ୍ୟକ୍ରମର ସଂଯୋଜକ ସେକ୍ ଶିରାଜ ଅକ୍ତର ଏହି ସଫଳତାର ଶ୍ରେୟ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ଭଦ୍ରକରେ ସ୍ଥାପନ ହେବ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତି

**ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ସ୍ମୃତି କମିଟି**

ଭଦ୍ରକ,୧୯।୧୦(ସନାତନ ରାଉତ)

ଓଡ଼ିଶାର ବିଶିଷ୍ଟ ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ଏମ୍‌ପି ଓ ବିଧାୟକ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଭଦ୍ରକ ଜିଲା ସଦର ମହକୁମାରେ ସ୍ଥାପନ ହେବ। ଏନେଇ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଘୋଷଣା କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରତ୍ୟେକ ଜିଲାର ସଦର ମହକୁମାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହେବ ବୋଲି ନିକଟରେ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଗୋକୁଳାନନ୍ଦ ମହାନ୍ତି ଜିଲା ସ୍ମୃତି କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ଦୀର୍ଘଦିନର ଦାବି ପୂରଣ ହୋଇଛି ବୋଲି ପ୍ରେସ୍ ବିବୃତିରେ ସଭାପତି ଲଲାଟେନ୍ଦୁ ମହାନ୍ତି ଜଣାଇଛନ୍ତି। ଆସନ୍ତା ଡିସେମ୍ବର ୪ରେ ସ୍ୱର୍ଗତ ମହାନ୍ତିଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀରେ ଏହି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## 'କଠିନ ପରିଶ୍ରମର ଫଳ ମିଳିଲା'

ଭଦ୍ରକ,୧୯।୧୦(ସନାତନ ରାଉତ)

ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷାରେ ଭଦ୍ରକ ଜିଲାର ଶ୍ୱେତାଶ୍ରୀ ମହାପାତ୍ର(୨୬) ଟପ୍ପର ହୋଇଛନ୍ତି। ପ୍ରଥମ ଚେଷ୍ଟାରେ ଏହି ସଫଳତା ପାଇଥିବାରୁ ଅତ୍ୟନ୍ତ ଖୁସି ହେବା ସହ ଶ୍ୱେତାଶ୍ରୀ କହିଛନ୍ତି, କଠିନ ପରିଶ୍ରମର ଫଳ ମିଳିଲା। ଘରୋଇ କମ୍ପାନୀର ଚାକିରି ଛାଡ଼ି ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗରେ କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବଡ଼ଭଉଣୀ କଟକ ବଡ଼ ଡାକ୍ତରଖାନାରେ ଚକ୍ଷୁ ବିଶେଷଜ୍ଞ ହୋଇଥିବା ବେଳେ କଟକରେ ରହୁଛନ୍ତି। ବୁଲାବୁଲି କରିବା ପାଇଁ ତାଙ୍କ ପାଖକୁ ମା'ଙ୍କ ସହ ଯାଉଥିବା ସମୟରେ ରାସ୍ତାରେ ସେ ଟପ୍ପର ହୋଇଥିବା ଖବର ଶୁଣିଲେ ବୋଲି ଶ୍ୱେତାଶ୍ରୀ କହିଛନ୍ତି।

ଶ୍ୱେତାଶ୍ରୀଙ୍କ ଘର ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ପଞ୍ଚାୟତର ଉରୁଣିଆ ଗ୍ରାମରେ ହୋଇଥିବା ବେଳେ ପରିବାର ସହ ଭଦ୍ରକ ପୌରାଞ୍ଚଳର ଅପର୍ତ୍ତିବିନ୍ଧା ନ୍ୟୁ କଲୋନିରେ ଭଡ଼ାଘରେ ରହୁଛନ୍ତି।


ମା', ଭଉଣୀ ଭାଇଙ୍କ ସହ ଶ୍ୱେତାଶ୍ରୀ ମହାପାତ୍ର।

ତାଙ୍କ ବାପା ମୁକ୍ତିକାନ୍ତ ମହାପାତ୍ର ଜଣେ ଅବସରପ୍ରାପ୍ତ ଶିକ୍ଷକ ଓ ମା' ସୁବାସିନୀ ନାୟକ ପୁରୁଣାବଜାର ଫେଜର୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଅଛନ୍ତି। ଶ୍ୱେତାଶ୍ରୀ ଦୁର୍ଗାପୁର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଏମ୍‌ଟେକ୍ କରି ବେଙ୍ଗାଲୁରୁରେ ଚାକିରି କରିଥିଲେ। ପରେ ସେ ପଶ୍ଚିମବଙ୍ଗର ସଲ୍ଟଲେକ୍‌ରେ ଚାକିରି କରିଥିଲେ। ଚାକିରି ଛାଡ଼ି ଓଏଏସ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ବାପା, ମା' ଓ ସାଙ୍ଗସାଥୀଙ୍କୁ ଦେଇଛନ୍ତି। ସାନଭାଇ ଆଇଆଇଟିରେ ଇଞ୍ଜିନିୟରିଂ କରି ବେଙ୍ଗାଲୁରୁରେ ଚାକିରି କରିଛନ୍ତି। ବାପା ମୁକ୍ତିକାନ୍ତ କହିଛନ୍ତି, ସେ ସବୁଦିନ ଅପରାହ୍ନରେ ସାଙ୍ଗମାନଙ୍କ ସହ ଅପର୍ତ୍ତିବିନ୍ଧା ଛକରୁ ରାନ୍ଦିଆ ପର୍ଯ୍ୟନ୍ତ ସାଇକ୍ଲିଂ କରନ୍ତି। ସନ୍ଧ୍ୟାରେ ସାଇକ୍ଲିଂ କରି ଫେରୁଥିବା ବେଳେ ଜଣେ ବନ୍ଧୁଙ୍କଠାରୁ ଓଏଏସ୍ ଫଳ ପ୍ରକାଶ ପାଇଥିବା ଶୁଣିଥିଲେ। ଟପ୍ପର ହୋଇଥିବା ନେଇ ଝିଅର ମେସେଜ୍ ମୋବାଇଲରେ ଦେଖିବା ପରେ ଖୁସିରେ ପାଦ ତଳେ ଲାଗି ନ ଥିଲା ବୋଲି ମୁକ୍ତିକାନ୍ତ କହିଛନ୍ତି।

## ୨୭ରେ ଜିଲାସ୍ତରୀୟ କବାଡ଼ି ଚୟନ ପ୍ରକ୍ରିୟା

ଭଦ୍ରକ,୧୯।୧୦(ସନାତନ ରାଉତ/ ରବିନାରାୟଣ ଖିଲାର)

ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା କବାଡ଼ି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲା ଆଥ୍‌ଲେଟିକ ସଂଘ ପକ୍ଷରୁ ଆସନ୍ତା ୨୭ ତାରିଖ ପୂର୍ବାହ୍ନ ୮ ଟାରେ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଭଦ୍ରକ କଲେଜ ପଡ଼ିଆରେ ଜିଲାସ୍ତରୀୟ ପୁରୁଷ ଓ ମହିଳା କବାଡ଼ି ଖେଳାଳିମାନଙ୍କ ଚୟନ ପ୍ରକ୍ରିୟା ହେବ ବୋଲି ସଂଘର ସମ୍ପାଦକ ଧିରେନ ପଲାଇ ଶନିବାର ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଖେଳାଳିମାନେ ନିଜର ଜନ୍ମଗତ ପ୍ରମାଣପତ୍ର ଅଥବା ଆଧାରର ନକଲ ସହ ଚୟନ ପ୍ରକ୍ରିୟାରେ ଯୋଗ ଦେଇପାରିବେ। ଆଗ୍ରହୀ ଖେଳାଳିମାନେ ଆସନ୍ତା ୨୫ ତାରିଖ ସୁଧା ସମ୍ପାଦକଙ୍କ ମୋବାଇଲ ନମ୍ବରକୁ ନିଜର ନାମ ପଠାଇବା ଜରୁରୀ। ଧାର୍ଯ୍ୟ ତାରିଖ ମଧ୍ୟରେ ପଠାଇ ନ ଥିବା ନାମକୁ ଚୟନ ପ୍ରକ୍ରିୟାରେ ସାମିଲ କରାଯିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## କାଳୀପୂଜା ଉପଲକ୍ଷେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବୈଠକ

ଭଦ୍ରକ, ୧୯।୧୦ (ରବିନାରାୟଣ ଖିଲାର)

ଭଦ୍ରକ କାଳୀପୂଜା ଉପଲକ୍ଷେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ମହାସଂସ୍କୃତିର ଜାଗରଣ ଯାତ୍ରାର ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ରୀ ବାଳଗୋପାଳ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପରିଚାଳକ ଡ. ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରସ୍ତାବମାନ ଆଲୋଚନା କରାଯାଇ ଗ୍ରହଣ କରାଯାଇଥିଲା। ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ଶ୍ରୀଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ପୂର୍ବ ବୈଠକର ବିବରଣୀ ଓ ଆୟ ବ୍ୟୟ ଉପସ୍ଥାପନ କରିଥିଲେ। ଆସନ୍ତା ନଭେମ୍ବର ୨ରୁ ୭ ଯାଏ ଚରମ୍ପା ରେଲୱେ ପ୍ଲାଟ୍‌ଫର୍ମ ନିକଟ ଅସ୍ଥାୟୀ ଶ୍ରୀଜଗନ୍ନାଥ ମଣ୍ଡପରେ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭଜନ, ସଂକୀର୍ତ୍ତନ, ଗୀତା, ଭାଗବତ ପଠନ ଓ ସନ୍ଧ୍ୟାରେ ଆଧାତ୍ମିକ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଆଦି କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏଥିରେ ସଂସ୍କୃତି ବିଭାଗ ମନ୍ତ୍ରୀ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଏମ୍‌ପି ଓ ବିଧାୟକଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଛି। ସହ ଅବାହାକ ବାବୁଲାଲ ଦାସ, ସନେଇ ଶିଅଳ, ସହ ପରିଚାଳକ ସୁଦର୍ଶନ ପଣ୍ଡା, ସନ୍ତୋଷ ଦାଶ, ପ୍ରଶାନ୍ତ ଦେ, ଗୋପବନ୍ଧୁ ମିଶ୍ର ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ସମିତିର ମୁଖ୍ୟ ଉପଦେଷ୍ଟା ଶରତ କୁମାର ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଉତ୍କଳର ପର୍ବ ପର୍ବାଣୀ' ଉନ୍ମୋଚନ କରାଯାଇଛି। ବୈଠକରେ ସଦାନନ୍ଦ ପାଣିଗ୍ରାହୀ, ଦୁଃଶାସନ ମହାନ୍ତି, ରାଧାକୃଷ୍ଣ ମୁଦୁଲି ପ୍ରମୁଖ ବହୁ ସଭ୍ୟ ଯୋଗ ଦେଇଥିଲେ।

## ବଢ଼ି ଚାଲିଛି ଚୋରା କୋଇଲା ବେପାର

**ଟ୍ରକ୍ ଜବତ, ୩୦ ଟନ୍‌ରୁ ଅଧିକ କୋଇଲା ଜବତ**

ଧାମନଗର,୧୯।୧୦(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଣ୍ଡିଆ)

ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ଚୋରା କୋଇଲା ବେପାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକ ଥର ଚୋରା କୋଇଲା ଚାଲାଣ ସମୟରେ ଧାମନଗର ପୋଲିସ ଦ୍ୱାରା ଜବତ ହୋଇଥିବା ନଜିର ରହିଛି। ଶନିବାର ପୂର୍ବାହ୍ନରେ ଏକ ୧୦ ଚକିଆ ଚୋରା କୋଇଲା ବୋଝେଇ ଟ୍ରକ୍ (ଓ ଆର୍ ୦୫ ଏ ଜେ ୯୯୨୩) ଦୋବଲ ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ଧାମନଗର କଲେଜ ନିକଟସ୍ଥ କାଦିର ନଗରଠାରୁ ପୋଲିସ ଜବତ କରିଛି। ଏସ୍‌ଆଇ ରାଜେଶ କୁମାର ସେଠୀ ଟ୍ରକ୍‌କୁ ଅଟକ ରଖି ଯାଞ୍ଚ କରିଥିଲେ। ଚାଳକ ଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ି ସହ ଚାଳକ ଓ ହେଲ୍‌ପରଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ କରୁଛି। ଟ୍ରକ୍‌ରୁ ପାଖାପାଖି ୩୦ ଟନ୍‌ରୁ ଅଧିକ କୋଇଲା ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି।


ଥାନା ପରିସରରେ ଅଟକ ଥିବା ଚୋରା କୋଇଲା ବୋଝେଇ ଗାଡ଼ି।

ଏସ୍‌ଆଇ ସେଠୀ କହିଛନ୍ତି, ଉକ୍ତ ଗାଡ଼ିଟି ତାଳଚେରରୁ ଦୋବଲ ଅଞ୍ଚଳକୁ ଆସୁଥିଲା। ହେଲେ ଗାଡ଼ି ଚାଳକ ପ୍ରଦାନ କରିଥିବା କାଗଜପତ୍ରରେ ସନ୍ଦେହ ହେବାରୁ ଥାନାରେ ଅଟକ ରଖାଯାଇଛି। କାଗଜପତ୍ରକୁ ବାରିପଦାସ୍ଥିତ ଖଣି ବିଭାଗକୁ ପଠାଯାଇଛି। ସେଠାରୁ କ୍ଲିୟରାନ୍ସ ଆସିଲେ ଗାଡ଼ି ଛାଡ଼ି ଦିଆଯିବ, ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ଆଗକୁ ଇଟା ପୋଡ଼ିବା ସମୟ ଆସୁଥିବାରୁ ଧାମନଗର ଦୋବଲ ଅଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ଇଟାଭାଟି ମାଲିକ କୋଇଲା ଗଚ୍ଛିତ ରଖିବା ପାଇଁ ଆଣିଥିବା ସନ୍ଦେହ କରାଯାଉଛି।

## ଲକ୍ଷ୍ମୀନାରାୟଣଙ୍କ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼

ତିହିଡ଼ି,୧୯।୧୦(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ଓ ମଙ୍ଗଳପୁର ପଞ୍ଚାୟତର ୩ଟି ସ୍ଥାନରେ ମହାସମାରୋହରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଚାଲିଛି। ରଙ୍ଗିନ ଆଲୋକମାଳା ସାଙ୍ଗକୁ ସୁସଜ୍ଜିତ ତୋରଣ ପୂଜାସ୍ଥଳକୁ ବେଶ୍ ଆକର୍ଷଣୀୟ କରିଛି। ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସିନ୍ଦୋଳ, ନୂଆପାଟଣା ଓ ମଙ୍ଗଳପୁରରେ ଚାଲିଥିବା ଏହି ପୂଜା ଶନିବାର ୪ର୍ଥ ଦିନରେ ପହଞ୍ଚିଛି। ୭ ଦିନ ଧରି ପୂଜା ଚାଲିବ। ନୂଆପାଟଣାରେ ୧୦୩ବର୍ଷ ହେଲା ପୂଜା ହେଉଛି। ଏଠାରେ ଲକ୍ଷ୍ମୀନାରାୟଣଙ୍କ ସହ ମା' ସରସ୍ୱତୀଙ୍କ ପ୍ରସ୍ତର ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି। ସେହିପରି ୫୦ ବର୍ଷ ହେଲା ସିନ୍ଦୋଳରେ ଲକ୍ଷ୍ମୀନାରାୟଣଙ୍କ ସହ ସରସ୍ୱତୀଙ୍କ ମାର୍ବଲ ମୂର୍ତ୍ତି ପୂଜା ପାଉଛନ୍ତି। କନାଟିଆରେ ସାମାଜିକ କର୍ମୀ ହରିହର ଲେଙ୍କାଙ୍କ ବାସଭବନ ପରିସରରେ ଦୀର୍ଘ ୪୦ ବର୍ଷ ହେଲା ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତିକୁ ପୂଜା କରାଯାଉଛି। ତେବେ ମନ୍ଦିର ପ୍ରତିଷ୍ଠା ହୋଇ ପ୍ରସ୍ତର ମୂର୍ତ୍ତି ସ୍ଥାପନ ପରେ ରାଜ ପେଚାମାନେ ଆସି ମନ୍ଦିର ଭିତରେ ବସା ବାନ୍ଧିବା ମା'ଙ୍କ ମହିମାକୁ ପ୍ରତିପାଦିତ କରିଥାଏ ବୋଲି କୁହାଯାଏ। ହରିହରଙ୍କ ଭାଇ ମଧୁସୂଦନ ଲେଙ୍କା, କମଳାକାନ୍ତ ଲେଙ୍କା, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କ ସହ ତାଙ୍କ ପରିବାରର ସଦସ୍ୟମାନେ ପରିଚାଳନା କରୁଛନ୍ତି। ଶୁକ୍ରବାର ରାତିରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ରାଜେନ୍ଦ୍ର କୁମାର ଦାସ ଏସବୁ ପୂଜା ମଣ୍ଡପ ସହ କାଳିମେଘା ଓ ତିହିଡ଼ିରେ ଗଜଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବରିଷ୍ଠ ନେତା ସୁରେନ୍ଦ୍ର କୁମାର ନାୟକ, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ପ୍ରଦୀପ ସାହୁ, ବିପିନ ବେହେରା, କୈଳାସ ରାଉଳ ପ୍ରମୁଖ ପୂଜା ମଣ୍ଡପ ବୁଲିଥିଲେ।


କନାଟିଆରେ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଇଁ ସୁସଜ୍ଜିତ ମନ୍ଦିର।

## 'ଭଣ୍ଡାରିପୋଖରୀ ମାଟି ଇତିହାସକୁ ଗୌରବାନ୍ୱିତ କରିଛି'

ଭଣ୍ଡାରିପୋଖରୀ,୧୯।୧୦ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ମାଟି ଇତିହାସକୁ ଗୌରବାନ୍ୱିତ କରିଛି ବୋଲି ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବର ୨ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ବ୍ଲକ କଂଗ୍ରେସ କମିଟି ସଭାପତି ରଜନୀକାନ୍ତ ଚାନ୍ଦ, କଂଗ୍ରେସ ଯୁବନେତା ବିଜୟ ଶଙ୍କର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ସୁବୋଧ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି, ଯୁବନେତା ପବିତ୍ର ପାଣିଗ୍ରାହୀ, ନିରଞ୍ଜନ ବେହୁରିଆ, କାଶୀନାଥ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଭଦ୍ରକ ବିମଳା ନାଟ୍ୟ ସଂସଦ ପକ୍ଷରୁ ପ୍ରସିଦ୍ଧ ମୋଗଲ ତାମସା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ମାଳଦା ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ମଦନମୋହନ ଜେନାଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିରର କୁନି କୁନି କଳାକାରମାନଙ୍କ ଦ୍ୱାରା ନାଟକ 'ଜେଜେ ଖୋଜୁଛି ଜରାନିବାସ' ଓ 'ପେଟେଣ୍ଟ ମେଡିସିନ' ଦର୍ଶକଙ୍କ ମନ ମୋହିଥିଲା। ବଣିକ ସଂଘର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

## କଳାରେ ନିପୁଣ ଦୃଷ୍ଟିବାଧିତ ନିର୍ମଳ

**ଲେଖିଲେଣି ଶତାଧିକ କବିତା**

ନଳାଙ୍ଗ,୧୯।୧୦(ସାଇ ଶଙ୍କର ମହାକୁଳ)

ଦୁଇ ଆଖିକୁ ଦେଖାଯାଉନି, ହେଲେ ମନରେ ସାରସ୍ୱତ ସୃଷ୍ଟି ଆଉ କଳା ପ୍ରଦର୍ଶନ ପାଇଁ ପ୍ରବଳ ଆଗ୍ରହ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଜନ୍ମରୁ ଦୃଷ୍ଟିବାଧିତ ହୋଇ ବି ଲେଖିସାରିଲେଣି ଶତାଧିକ କବିତା। ଏଥିସହ ତବଲା ଓ ମୃଦଙ୍ଗ ଭଳି ବାଦ୍ୟ ଯନ୍ତ୍ର ବଜାଇବା, ନାମ ସଂକୀର୍ତ୍ତନ ଗାଇ ଏବେ ଚର୍ଚ୍ଚାରେ ଅଛନ୍ତି। ଦୃଷ୍ଟିବାଧିତ ହୋଇ ବି କଳାରେ ନିପୁଣ। ଏଭଳି ଜଣେ ଦିବ୍ୟାଙ୍ଗ କବି, ବାଦକ ଓ କଳାକାର ହେଉଛନ୍ତି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗାଁର ନିର୍ମଳ ଚନ୍ଦ୍ର ବେହେରା(୩୮)।

ସରକାରୀ ଭିନ୍ନକ୍ଷମ ପ୍ରମାଣପତ୍ର ଅନୁଯାୟୀ ସେ ୭୦ ପ୍ରତିଶତ ଦୃଷ୍ଟିଶକ୍ତି ବାଧିତ। ନିର୍ମଳ କହନ୍ତି, ବହୁ କଷ୍ଟରେ ଗାଁ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ଦୈନିକ ରେଡିଓରୁ ଗୀତ, କବିତା, ଗୀତିନାଟ୍ୟ ଶୁଣିବା ଥିଲା ତାଙ୍କର ନିଶା। ଶେଷରେ ସନ୍ଥକବି ଭୀମ ଭୋଇ ଓ ସ୍ଥାନୀୟ ସାହିତ୍ୟିକ ମୋହନ ଚନ୍ଦ୍ର ଖିଲାରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ୧୪ ବର୍ଷ ବୟସରୁ ପୁଣି ଥରେ ହାତରେ କଲମ ଧରିଥିଲେ। ଆଉ ରଚନା କଲେ କବିତା ଉପରେ କବିତା। କେତେବେଳେ ଭକ୍ତି କବିତା ତ କେତେବେଳେ ଦେଶାତ୍ମକ ବୋଧକ କବିତା ଆଉ କେତେବେଳେ ପୁଣି ବ୍ୟଙ୍ଗ ସାଙ୍ଗକୁ ପ୍ରେମ କବିତା ଲେଖିଥିଲେ। 'ହର ହର ଗଙ୍ଗେ', 'ପୂଣ୍ୟମୟୀ ଜନ୍ମଭୂମି', 'ଦାନାମରା ଭଗବାନ', 'ସରି ସରି ଆସେ କଳି', 'ଭାରତ ମାତାର ଜାନ୍ ତୁମେ', 'ବାଇ ଚଢ଼େଇ', 'ପ୍ରେମ ନୁହେଁ ପାଗଳାମି', 'ପ୍ରତାରକ ପ୍ରେମ' ଏମିତି ଅନେକ କବିତା ସେ ରଚନା କରିସାରିଛନ୍ତି। ବିଭିନ୍ନ ସାହିତ୍ୟ ଅନୁଷ୍ଠାନରେ ନିଜର କବିତା ପରିବେଷଣ କରି ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି। କେହି କେହି ତାଙ୍କୁ ଆଜିର ଭୀମ ଭୋଇ କହି ଡାକୁଛନ୍ତି। ବିନା ଗୁରୁରେ ଆଉ ବିନା ପ୍ରଶିକ୍ଷଣରେ ସେ ମୃଦଙ୍ଗ, ତବଲା ଭଳି ବାଦ୍ୟ ଯନ୍ତ୍ରକୁ ଜଣେ ଅଭିଜ୍ଞତା ସମ୍ପନ୍ନ ବାଦ୍ୟକାର ଭଳି ତାଳରେ ବଜାଇ ପାରୁଛନ୍ତି। ତାଙ୍କ ଅଭାବୀ ପରିବାରରେ ବାପା, ସାନ ଭାଇ ସମେତ ଦିବ୍ୟାଙ୍ଗ ସ୍ତ୍ରୀ ଏ ଦିଗରେ ତାଙ୍କୁ ଉତ୍ସାହିତ କରନ୍ତି। ସାହିତ୍ୟ ସାଧନା ଓ ବାଦ୍ୟ କଳା ପାଇଁ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ରାଶନ କାର୍ଡ ଆଉ ସ୍ୱାମୀ ଓ ସ୍ତ୍ରୀଙ୍କ ଦିବ୍ୟାଙ୍ଗ ଭତ୍ତା ତାଙ୍କର ମୁଖ୍ୟ ସମ୍ବଳ। ଆର୍ଥିକ ଅଭାବ କାରଣରୁ କବିତାଗୁଡ଼ିକ ପୁସ୍ତକ ଆକାରରେ ପ୍ରକାଶ କରିପାରୁ ନାହାନ୍ତି। କୌଣସି ପୁସ୍ତକ ପ୍ରକାଶନୀ କିମ୍ବା ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ମିଳିଲେ ତାଙ୍କ କୃତୀ ପ୍ରକାଶ ହୋଇପାରନ୍ତା ଓ ସେ ଆହୁରି ଅନେକ କିଛି ରଚନା କରିବାକୁ ପ୍ରେରଣା ମିଳନ୍ତା ବୋଲି ନିର୍ମଳ କହିଛନ୍ତି।


ନିର୍ମଳ ଚନ୍ଦ୍ର ବେହେରା।

## ଧର୍ମପରାୟଣାଙ୍କ ପରଲୋକ

ରାମଚନ୍ଦ୍ରପୁର,୧୯।୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଜଳସୁଆଁ ପଞ୍ଚାୟତ ଜଳସୁଆଁ ଗ୍ରାମର ଧର୍ମପରାୟଣ ମହିଳା ଯଶୋଦାଙ୍କ (୭୮) ମୃତ୍ୟୁ ଘଟିଛି। କିଛି ଦିନ ଧରି ଅସୁସ୍ଥ ହୋଇ ଶଯ୍ୟାସାୟୀ ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣ ମହିଳା ଭାବେ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଗ୍ରାମସ୍ଥିତ କୁସେଇ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛଇ। ସାନ ପୁଅ ପ୍ରଭାତ ମାଝୀ ମୁଖାଗ୍ନି ଦେଇଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିୟୋଗ

ପାଟଣା,୧୯।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଦାଶରଥିପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବୈଦ୍ୟ ଲାଲ ମୋହନ ମହାନ୍ତ(୮୮)ଙ୍କ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ହେବ ହୃଦ୍ ଜନିତ ରୋଗରେ ପୀଡ଼ିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ମୁଖାଗ୍ନି ଦେଇଥିଲେ। ବିୟୋଗରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଗ୍ରାମାଞ୍ଚଳରେ ନିର୍ମିତ ପାର୍କ ଅଧାପନ୍ତରିଆ

କେନ୍ଦୁଝର,୧୯।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାରେ ଉପଯୁକ୍ତ ତଦାରଖ ଅଭାବରୁ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିର ଦୁରୁପଯୋଗ ହେଉଛି। ଏହି ଅନୁଦାନରେ ହାତକୁ ନିଆଯାଇଥିବା ଅନେକ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ବ୍ୟାପକ ଆର୍ଥିକ କ୍ଷତି ହେଉଥିବା ବେଳେ ଏହି ଅର୍ଥରେ ହାତକୁ ନିଆଯାଉଥିବା ପ୍ରକଳ୍ପ ମଧ୍ୟ ଲୋକଙ୍କ କାମରେ ଲାଗିପାରୁନାହିଁ। ବାଂଶପାଳ ବ୍ଲକ୍ ଅନ୍ତର୍ଗତ ବାୟାପଣ୍ଡାଧାର ପଞ୍ଚାୟତ ବାୟାକୁମୁଟିଆ ଗ୍ରାମରେ ଲୋକଙ୍କ ଆମୋଦପ୍ରମୋଦ ପାଇଁ ନିର୍ମାଣ ହୋଇଥିବା ପାର୍କ ଦୀର୍ଘ ମାସ ହେଲା ଲୋକଙ୍କ କାମରେ ନ ଲାଗି ପଡ଼ିରହିଛି। ଫଳରେ ପାର୍କରେ ନିର୍ମିତ କାମ ନଷ୍ଟ ହେବାକୁ ବସିଥିବା ବେଳେ ଘରଗୁଡ଼ିକ ଜରାଜୀର୍ଣ୍ଣ ହୋଇ ଅସାମାଜିକ ଲୋକଙ୍କ ଆଶ୍ରୟସ୍ଥଳୀ ପାଲଟିଛି।

ସୂଚନା ଅନୁଯାୟୀ, ଜଙ୍ଗଲ ପରିବେଶରେ ସ୍ଥାନୀୟ ଲୋକଙ୍କ ଚଲାବୁଲା, ବ୍ୟାୟାମ ଆଦି କରିବା ସହ ପିଲାଙ୍କ ଖେଳିବା, ସମୟ କଟାଇବା ପାଇଁ ବାଂଶପାଳ ବ୍ଲକ୍‌ର ୧୬ ପଞ୍ଚାୟତରେ ଡିଏମ୍‌ଏଫ୍ ଅର୍ଥରେ ଗୋଟିଏ ଲେଖାଏ ପାର୍କ ନିର୍ମାଣ କରାଯାଇଛି। ସେଥିରୁ ୨ ଟି ଜମି ବିବାଦ ଯୋଗୁ କାମ ହୋଇପାରୁ ନ ଥିବା ବେଳେ ଅନ୍ୟଗୁଡ଼ିକ କାମ ଚାଲିଛି। ସେଥିମଧ୍ୟରୁ ବାୟାପଣ୍ଡାଧାର ପଞ୍ଚାୟତ ବାୟାକୁମୁଟିଆ ଗ୍ରାମରେ ପାଖାପାଖି ୩୫ ଲକ୍ଷ ଟଙ୍କା ବ୍ୟୟରେ ପାର୍କ ନିର୍ମାଣ ହେଉଛି। ପାର୍କରେ କୌଣସି ସୂଚନା ଫଳକ ନ ଥିବା ବେଳେ ପାଚେରି କାମ, ଚଲାପଥ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ପାର୍କ ପରିସରରେ ଅନାବନା ଗଛ ଉଠି ଜଙ୍ଗଲରେ ପରିଣତ ହେଲାଣି। ସୋଲାର ଲାଇଟ୍ ଖୁଣ୍ଟ ବସାଯାଇଛି କିନ୍ତୁ ବ୍ୟବହାର ହେଉ ନ ଥିବାରୁ ନଷ୍ଟ ହେବାକୁ ବସିଲାଣି। ପରିସରରେ ଥିବା ନଳକୂପ ବ୍ୟବହାର ପୂର୍ବରୁ ଖରାପ ହୋଇଯାଇଛି। ଏହି ସବୁ ପାର୍କ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ମାତ୍ର ଠିକାଦାର ଜରିଆରେ କାମ କରାଯାଉଛି। ଏଣୁ କାମର ମାନ ଠିକ୍ ହେଉନାହିଁ କିମ୍ବା ଠିକ୍ ସମୟରେ ସରୁନାହିଁ ବୋଲି ଅଭିଯୋଗ ହେଉଛି। ଏ ନେଇ ବାଂଶପାଳ ବିଡିଓ ବିକ୍ରାନି କିସପାଟ

### ଜରାଜୀର୍ଣ୍ଣ ଅବସ୍ଥାରେ ନିର୍ମିତ ଘର

କହିଛନ୍ତି, କାମ କରୁଥିବା ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଠିକାଦାର କାମର ବିଳମ୍ବ ପାଇଁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇଥିଲେ। ବ୍ୟକ୍ତିଗତ ଭାବରେ ଡକାଇ କାମ କରିବାକୁ କୁହାଯିବ। ନଚେତ୍ ବିକଳ୍ପ ବ୍ୟବସ୍ଥା ଗ୍ରହଣକରି ନିର୍ମାଣ କାମ ଶେଷ କରାଯିବ। କଂଗ୍ରେସର ଲୋକ ସଭା ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାୟକ କହିଛନ୍ତି, ଅନେକ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅନେକ ନଷ୍ଟହେବାକୁ ବସିଛି। ଫଳରେ ଡିଏମ୍‌ଏଫ୍‌ର ଅନେକ କୋଟି ଟଙ୍କା ପାଣିରେ ପଡୁଛି। ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାର ତଦନ୍ତ କରାଗଲେ ଏହା ପଛରେ ବହୁ ବଡ଼ ଘୋଟାଲା ପଦାକୁ ଆସିପାରିବ। ଭିଜିଲାନ୍ସ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

# ଉତ୍ପାତ କରୁଛନ୍ତି ୨୯ ଟିକିଆ ହାତୀପଲ



ଧାନକ୍ଷେତରେ ହାତୀପଲ।

ପାଟଣା,୧୯।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୯ ଟିକିଆ ହାତୀପଲ ଉତ୍ପାତ କରୁଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ସରାସପଶି ଗ୍ରାମରେ ପଶି ୨ ଜଣଙ୍କ ଘର ଭାଙ୍ଗି ଧାନ ଓ ଚାଉଳ ଖାଇବା ସହ ନଷ୍ଟ କରିଦେଇଛନ୍ତି। ଗ୍ରାମର ନରହରି ନାଏକଙ୍କ ମାଟି କାନ୍ଥ, ଆଜବେଷ୍ଟସ ଘର ଓ ଭାନୁ କିଶୋର ନାଏକଙ୍କ ମାଟିକାନ୍ଥ ଟାଇଲ ଘର ଭାଙ୍ଗି ଦେଇଛନ୍ତି। ଘର ଭିତରେ ପରିବାର ଲୋକେ ଶୋଇଥିବା ବେଳେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହାତୀପଲ ଧାନ କ୍ଷେତରେ ପଶି ନଷ୍ଟ କରୁଛନ୍ତି। ଫଳରେ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏବେ ହାତୀପଲ ସରାସପଶି ଗାଁ ନିକଟ କାଜୁ ଜଙ୍ଗଲରେ ଡେରା ପକାଇଛନ୍ତି। ପଲରେ ୯ ଦନ୍ତା, ୧୩ ମାଈ ଓ ୭ ଛୁଆ ହାତୀ ରହିଥିବା ବନପାଳ ପିଅନ ନାଏକ କହିଛନ୍ତି। ହାତୀପଲଙ୍କ ଉପରେ ବନ ବିଭାଗ ନଜର ରଖିଥିବା ସେ କହିଛନ୍ତି। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ପାଚିଲା ଧାନ ଫସଲ ନଷ୍ଟ କରୁଛନ୍ତି

### ହାତୀ ପରେ ବାର୍‌ହା ଉପଦ୍ରବ

ଚମ୍ପୁଆ,୧୯।୧୦(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ କମିବା ବେଳକୁ ଜଙ୍ଗଲୀ ବାର୍‌ହାଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଫଳରେ ଜଙ୍ଗଲ ନିକଟବର୍ତ୍ତୀ ଚାଷ ଜମିରେ ଚାଷ ଉଜୁଡିବାରେ ଲାଗିଛି। ବାର୍‌ହା ପଲପଲ ହୋଇ କ୍ଷେତରେ ପଶି ପାଚିଲା ଧାନ ନଷ୍ଟ କରୁଛନ୍ତି। ଏ ନେଇ ଚାଷୀକୂଳ ଚିନ୍ତିତ ହୋଇପଡ଼ିଲେଣି।

ସୂଚନା ଅନୁସାରେ, କିଛି ଦିନ ତଳେ ଚମ୍ପୁଆ ବନାଞ୍ଚଳରେ ହାତୀ ଉପଦ୍ରବ ଦ୍ୱାରା ବହୁ ଘରଦ୍ୱାର ଉଜୁଡି ଯାଇଥିବା ବେଳେ ଧାନକ୍ଷେତ ମଧ୍ୟ ଉଜୁଡି ଯାଇଛି। ବନ ବିଭାଗର ପ୍ରଚେଷ୍ଟା ସତ୍ତ୍ୱେ ହାତୀ ଧାନ କ୍ଷେତଗୁଡ଼ିକୁ ମାଡି ଚକଟି ନଷ୍ଟ କରୁଥିଲେ। ମାତ୍ର ବର୍ତ୍ତମାନ ହାତୀ ଉପଦ୍ରବ କମିଥିବା ବେଳେ ଜଙ୍ଗଲୀ ବାର୍‌ହାଙ୍କ ଉତ୍ପାତ ବଢିବାରେ ଲାଗିଛି। ଚମ୍ପୁଆ ସେକ୍ସନରେ ବଶିରା, ଇନ୍ଦ୍ରପ୍ରସ୍ଥ, ସରେଇ, କଞ୍ଚନପୁର ଆଦି ଅଞ୍ଚଳରେ ପଲପଲ ବାର୍‌ହା ରାତି ଅଧରେ ଜଙ୍ଗଲ ମଧ୍ୟରୁ ବାହାରି ପାଚିବା ଆରମ୍ଭ କରିଥିବା ଧାନ କ୍ଷେତକୁ ନଷ୍ଟ କରିବା ସହିତ କନ୍ଦମୂଳ ଚାଷକୁ ମଧ୍ୟ ନଷ୍ଟ କରିଚାଲିଛନ୍ତି। ବଶିରା ଚତରି ସାହି ଅଞ୍ଚଳର ନରୋତ୍ତମ ମହାନ୍ତ, କ୍ଷୀରୋଦ ଚନ୍ଦ୍ର ମହାନ୍ତ, ଚନ୍ଦ୍ର ମହାନ୍ତ, ସୁନାପୋଶି ଅଞ୍ଚଳର ରାଜେଶ୍ୱର ମହାନ୍ତ, ଦିବାକର ମହାନ୍ତ ଆଦି ଚାଷୀଙ୍କ ଧାନ କ୍ଷେତ ଓ ପରିବା ଚାଷ ନଷ୍ଟ ହୋଇଥିବା ସୂଚନା ଦେଇଛନ୍ତି। ଏ ନେଇ ବନପାଳ ସୁନିତା ବାଘଲେ କହିଛନ୍ତି, ବାର୍‌ହା ଜନିତ କ୍ଷୟକ୍ଷତି ପାଇଁ ସରକାରୀସ୍ତରରୁ ବ୍ୟବସ୍ଥା ରହିଛି। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ଆମ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତୁରନ୍ତ ତାର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜନସାଧାରଣଙ୍କ ସେବା କରିବି

### ବୈଜ୍ଞାନିକରୁ ଓଏଏସ୍ ବିକାଶ



ବିକାଶ କୁମାର ସାହୁ

ପାଟଣା, ୧୯।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁରମୁଙ୍ଗା ପଞ୍ଚାୟତ ଡୁରୁମୁଙ୍ଗାର ବିକାଶ କୁମାର ସାହୁ ଶନିବାର ପ୍ରକାଶ ପାଇଥିବା ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେ ପ୍ରଥମ ଉଦ୍ୟମରେ ୨୨୨ ନଂ. ର୍‍ୟାଙ୍କ ପାଇଛନ୍ତି। ଆନ୍ଧ୍ରପ୍ରଦେଶର ରାଜାମହେନ୍ଦ୍ରିଠାରେ ଥିବା ତୈଳ ଓ ପ୍ରାକୃତିକ ଗ୍ୟାସ କର୍ପୋରେଶନରେ ବିକାଶ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ପ୍ରଦୀପ କୁମାର ସାହୁ ଡୁରୁମୁଙ୍ଗାର ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ହୋଇଥିବା ବେଳେ ମା' ଇନ୍ଦୁମତି ସାହୁ ଜଣେ ଗୃହିଣୀ। ବିକାଶ ମାଟ୍ରିକ ପର୍ଯ୍ୟନ୍ତ ଡୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନ କରୁଥିଲେ। ମାଟ୍ରିକରେ ୯୦ ପ୍ରତିଶତ ନମ୍ବର୍ ରଖି ବିଦ୍ୟାଳୟ ଟପ୍ପର ହୋଇଥିଲେ। ଶ୍ରୀ ଅରବିନ୍ଦ ଯୁକ୍ତ ୨ ସାଇନ୍ସ କଟକରେ ପଢ଼ି ୮୦ ପ୍ରତିଶତ ନମ୍ବର ରଖିଥିଲେ। ପରେ ଧରଣୀଧର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ପରେ ଆଇଆଇଟି ଖଡ଼ଗପୁରରେ ପିଜି କରିଥିଲେ। ସେ ଓଏଏସ୍ ପାଇଁ କୌଣସି କୋଚିଂ ନେଇନାହାନ୍ତି। ଦୈନିକ ୨ ରୁ ୩ ଘଣ୍ଟା ପରିଶ୍ରମ କରୁଥିଲେ। ପ୍ରଥମ ପରୀକ୍ଷାରେ ସେ ସଫଳତା ହାସଲ କରିଛନ୍ତି। ସଫଳତା ପଛରେ ଠାକୁର ଅନୁକୂଳଚନ୍ଦ୍ର ଓ ମା', ବାପାଙ୍କ ଆଶୀର୍ବାଦ ରହିଛି। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ଚେଷ୍ଟା କରୁଥିବା ସାନଭାଇ ଆଲୋକ ଏଥିପାଇଁ ତାଙ୍କୁ ପ୍ରେରଣା ଯୋଗାଇଛନ୍ତି। ଓଡ଼ିଶାରେ ସେବା କରିବାର ତାଙ୍କର ସ୍ୱପ୍ନ ଥିଲା। ଓଏଏସ ଅଫିସର ଭାବେ ଯୋଗଦେଇ ଓଡ଼ିଶାର ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ବିକାଶ କହିଛନ୍ତି।

# କେୱାଇସି ପାଇଁ ପାହାଡ଼ ଶିଖରରେ ହିତାଧିକାରୀ

### ନେଟ୍‌ୱର୍କ ସମସ୍ୟାରୁ ମେଶିନ ଚାଲୁନି

ଛେନାପଦି,୧୯।୧୦(ନିରାକାର ପରିଡା)



ଏଜେଣ୍ଟ ଓ ହିତାଧିକାରୀମାନେ ପାହଡ଼ ଉପରେ ବସିଛନ୍ତି।

ରାଜ୍ୟରେ ରାସନକାର୍ଡ ପାଇଁ ଇ-କେୱାଇସି ବ୍ୟବସ୍ଥା କରାଯାଇଛି। ମାତ୍ର ଗ୍ରାଞ୍ଚଳରେ ନେଟ୍‌ୱର୍କ ଆସୁ ନ ଥିବାରୁ ହିତାଧିକାରୀ ସମସ୍ୟାରେ ପଡୁଛନ୍ତି। ରାସନକାର୍ଡ଼ରେ ନାମ ସଂଯୋଗ କରିବାକୁ ହିତାଧିକାରୀ ଏଜେଣ୍ଟ ସହ ପାହଡ଼ ଶିଖରେ ଯାଇ ବସୁଥିବା ଦେଖାଯାଇଛି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କେ-ବାଲିପାଳ ପଞ୍ଚାୟତ ମଲ୍ଲିପସି ଗ୍ରାମରୁ ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି।

ପ୍ରକାଶ ଯେ, ମଲ୍ଲିପସି ଗ୍ରାମବାସୀଙ୍କ ଇ-କେୱାଇସି କରିବା ପାଇଁ ସେହି ଗ୍ରାମର 'ମା ବନଦୁର୍ଗା ଏସ୍‌ଏଚ୍‌ଜି' ନାମକ ଏକ ମହିଳା ଗୋଷ୍ଠୀ ଦାୟିତ୍ୱ ନେଇଛି। ନେଟ୍‌ୱର୍କ ଆସୁ ନ ଥିବାରୁ ମେଶିନ ଚାଲୁନାହିଁ। ଏ ନେଇ ଏଜେଣ୍ଟଙ୍କ ସହ ହିତାଧିକାରୀମାନେ କେତେବେଳେ ନଦୀକୂଳ ତ କେତେବେଳେ ପାହାଡ଼ ଉପରେ ବୁଲୁଛନ୍ତି। ତେଣୁ ଏଭଳି ସ୍ଥିତିରେ ସେମାନଙ୍କ ପାଇଁ ସରକାର ଅନ୍ୟ କୌଣସି ଉପାୟରେ ରାସନକାର୍ଡର କେୱାଇସି କରିବାକୁ ଗ୍ରାମର କାହ୍ନା କାଶୀମାଳ, ସଦାନନ୍ଦ ବାରିଆଳ, ଗଣେଶ୍ୱର ବିସିନିଆ, ବାପୁନ ଶଙ୍ଖୁଆଳ, ରବୀନ୍ଦ୍ର ଖଣ୍ଡେଇ, ସମା ହୋ, ଅମର ମଡେଇ, ରମାକାନ୍ତ ବିନିସିଆ, ନାରାୟଣ ଖଣ୍ଡେଇ, ବନ କସିମାଳ, ବନ୍ଧୁଆ ନାଇକ, ରମେଶ ଗିରି, ମକରା ନାଇକ, ବାସୁଦେବ ଖଟୁଆ ପ୍ରମୁଖ ନିବେଦନ କରିଛନ୍ତି।

# ଆବାସ ନିର୍ମାଣ କରି ନ ଥିଲେ ରାଶନ ବନ୍ଦ

ପାଟଣା,୧୯।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କୁ ରାଶନ ମିଳୁନି। ଘର ସମ୍ପୂର୍ଣ୍ଣ ନ କଲେ ଚାଉଳ ମିଳିବ ନାହିଁ ବୋଲି ପଞ୍ଚାୟତରେ କୁହାଯାଉଛି। ଫଳରେ ଗରିବ ଲୋକେ ଗତ ୩ ଦିନ ଧରି ପଞ୍ଚାୟତକୁ ଯାଇ ନିରାଶ ହୋଇ ଫେରୁଥିବା ଏରେଣ୍ଡେଇ ପଞ୍ଚାୟତ ବେଗୁନା ଖମଣ ଗ୍ରାମର ଶଶିମଣି ପାତ୍ର ଓ ତାଙ୍କ ପୁଅ ସନ୍ତୋଷ କୁମାର ଅଭିଯୋଗ କରିଛନ୍ତି।

ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ନ କଲେ ଚାଉଳ ଦିଆଯିବନାହିଁ ବୋଲି ବିଡିଓଙ୍କ ନିର୍ଦ୍ଦେଶ ଥିବା ପିଇଓ ରିମ୍ପା ନାଏକ କହିଛନ୍ତି। ତେଣୁ ୩ ଦିନ ହେବ ତାଙ୍କ ଭଳି ୧୫ରୁ ଊର୍ଦ୍ଧ୍ୱ ହିତାଧିକାରୀ ଚାଉଳ ପାଇଁ ପଞ୍ଚାୟତକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏ ନେଇ

### ୧୫ ହିତାଧିକାରୀଙ୍କୁ ଚାଉଳ ମିଳି ନ ଥିବା ଅଭିଯୋଗ

ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି, ବିଡିଓଙ୍କ ନିର୍ଦ୍ଦେଶରେ ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ସେମାନେ ଗୃହ ନିର୍ମାଣ କରୁ ନ ଥିବାରୁ ବିଡିଓଙ୍କୁ ଭେଟିବାକୁ କୁହାଯାଇଛି। ବିଡିଓଙ୍କୁ ଭେଟିବା ପରେ ଚାଉଳ ଦିଆଯିବ। ଏ ନେଇ ବିଡିଓ ଶିବ ଶଙ୍କର ମୁର୍ମୁ କହିଛନ୍ତି, ଉକ୍ତ ପଞ୍ଚାୟତର ଆବାସ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିଲେ ହେଁ ଗୃହ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ଫିଲ୍ଡକୁ ଗଲେ ସେମାନେ ଲୁଚୁଛନ୍ତି। ପଞ୍ଚାୟତ ମେଳାକୁ ମଧ୍ୟ ଆସି କୌଣସି କାରଣ ଜଣାଉନାହାନ୍ତି। କାହାରି ଚାଉଳ ବନ୍ଦ କରାଯାଇନାହିଁ। ସେମାନଙ୍କୁ ବ୍ଲକ୍‌କୁ ଆସି ଦେଖାକରି କାହିଁକି ଗୃହ ନିର୍ମାଣ କରୁନାହାନ୍ତି ଜଣାଇବାକୁ କୁହାଯାଇଥିବା ବିଡିଓ କହିଥିଲେ।

ଗୃହ ନିର୍ମାଣରେ ଖିଲାପକାରୀଙ୍କ ବିରୋଧ ମାମଲା ରୁଜୁ ହେବାର ବ୍ୟବସ୍ଥା ରହିଛି। ଏହା ନ କରି ଗରିବ ଲୋକଙ୍କ ଚାଉଳ ବନ୍ଦ କରିବାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏମାନଙ୍କୁ ତୁରନ୍ତ ଚାଉଳ ଯୋଗାଇ ଦେବାକୁ କଂଗ୍ରେସ ନେତା ତଥା ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ ଓ ବିଜେଡି ନେତା ଗୌରହରି ନାଏକ ଦାବି କରିଛନ୍ତି।

ବ୍ଲକ୍ ଗ୍ରାମୀଣ ଗୃହ ନିର୍ମାଣ ବିଭାଗ ସୂଚନା ଅନୁଯାୟୀ, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପାଟଣା ବ୍ଲକ୍‌କୁ ୬ ହଜାର ୨୮୮ଟି ଗୃହ ଆସିଥିଲା। ସେଥି ମଧ୍ୟରୁ ୨୭ ଶହ ୯୬ଟି ଗୃହ ଅସମ୍ପୂର୍ଣ୍ଣ ରହିଛି। ଯାହାକି ଆବାସ ନିର୍ମାଣ କ୍ଷେତ୍ରରେ ପାଟଣା ବ୍ଲକ୍ ଜିଲାରେ ପଛରେ ପଡ଼ିଛି। ୨୦୧୮-୧୯ ଆର୍ଥିକ ବର୍ଷର ବିଜୁ ପକ୍କା ଘର ଯୋଜନାର ୬ ଗୃହ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି।

# ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ମାମଲାରେ ୩ ଗିରଫ

ଘସିପୁରା(ନିରଞ୍ଜନ ସାହୁ)/
ରାମଚନ୍ଦ୍ରପୁର(ଗଣେଶ୍ୱର ସା),୧୯।୧୦

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ପଣ୍ଡୁଆ ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତ ସୁଜିତ ଜେନାଙ୍କ ପରିବାର ଲୋକଙ୍କୁ ଆକ୍ରମଣ ମାମଲାରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଣ୍ଡୁଆ ଗ୍ରାମର ସରଫଉଦ୍ଦିନ ଖାଁ(୪୮), ସଲ୍ଲାଉଦ୍ଦିନ ଖାଁ(୨୨), ଜାକିର୍ ହୁସେନ୍ ଖାଁ (୩୬)। ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅଭିଯୁକ୍ତଙ୍କ ମା', ବାପା ଓ ସାନ ଭାଇ ଗୁରୁତର ହୋଇ କଟକରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ଗତ ମଙ୍ଗଳବାର ସନ୍ଧ୍ୟାରେ ପଣ୍ଡୁଆ ଛକରେ ଗ୍ରାମର ରେହମତ୍ ଖାଁ ଦୋକାନକୁ ପାନ ପାଇଁ ଆସିଥିଲେ। ପାନ ଭାଙ୍ଗି ସାରି ନିଜ ବାଇକ୍ ଉପରେ ବସିଥିବା ସମୟରେ ପୂର୍ବ ଶତ୍ରୁତାକୁ ନେଇ ଅଭିଯୁକ୍ତ ଏକ ଠେଙ୍ଗାରେ ରେହମତ୍‌ଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ରେହମତ୍‌ଙ୍କ

### ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା ଘଟଣା

ମୃତ୍ୟୁ ଘଟିଥିଲା। ରେହମତ୍‌ଙ୍କ ସମ୍ପର୍କୀୟ ଏବଂ ସ୍ଥାନୀୟ ଅଞ୍ଚଳର ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିସହ ଅଭିଯୁକ୍ତଙ୍କ ଘର ଜାଳିଦେବା ସାଙ୍ଗକୁ ସୁଜିତଙ୍କ ମା' ଝରଣା ଯେନା, ବାପା ପୂର୍ଣ୍ଣଚନ୍ଦ୍ର ଯେନା ଓ ସାନ ଭାଇ ଓମ୍‌କାର ଯେନାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ଦିନ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ଘରପୋଡ଼ି ଏବଂ ସଂଘବଦ୍ଧ ଆକ୍ରମଣ ଘଟଣାରେ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଉଠାଇନେଇ ପଚରାଉଚରା କରିଥିଲା। ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ମୁତାବକ ପୋଲିସ ଶନିବାର ଏକ ମାମଲା(ନଂ. ୩୪୯/୨୪) ରୁଜୁ କରି ୩ ଜଣଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପାଠଚକ୍ର

କେନ୍ଦୁଝର,୧୯।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଶାଖା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଗୀତାର ଅଷ୍ଟମ ଅଧ୍ୟାୟ ଅକ୍ଷର ବ୍ରହ୍ମ ଯୋଗ ଉପରେ ୪୮ତମ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିପିନ ବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଆଲୋଚକଭାବେ କଟକ ଜିଲାର ସଭାପତି ଜଗତ କିଶୋର ଦାସ, ପୂର୍ବତନ ବ୍ୟାଙ୍କ ପ୍ରବନ୍ଧକ, ସରଳ ଭାବରେ ଅକ୍ଷର ବ୍ରହ୍ମ ସମ୍ପର୍କରେ ଉଦାହରଣ ସହ ବୁଝାଇଥିଲେ। ସଂଯୋଜକ ଭାବେ ନାରାୟଣ ଚନ୍ଦ୍ର ବୋଇତାଇ କାର୍ଯ୍ୟ ପରିଚାଳନା କରିଥିବାବେଳେ ଓଁକାର ବେଦପାଠ ପଦ୍ମିନୀ ସାହୁ, ବିବେକାବାଣୀ ଶୁଭଶ୍ରୀ ଓଝା ପାଠ କରିଥିଲେ। ସଭାପତି ଡ. ମହାପାତ୍ର ସମାପ୍ତି ମନ୍ତବ୍ୟରେ ସମର୍ପଣ ଚେତନା ଉପରେ ଆଲୋକପାତ କରିଥିଲେ। ଶାନ୍ତିପାଠ ସୁରଜ ପଟ୍ଟନାୟକ କରିଥିଲେ। ଏଥିରେ ସାଂଗଠନିକ ସମ୍ପାଦକ ପ୍ରଫେସର ଚିତରଞ୍ଜନ ନାୟକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଜଗନ୍ନାଥ ପଣ୍ଡା, ନରେଶ ପଟ୍ଟନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଶ୍ରୋତା ଅଂଶଗ୍ରହଣ କରିଥିଲେ। ସମ୍ପାଦକ ବିଜୟ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ସାଂଗଠନିକ ଆଲୋଚନାରେ ଡ. ବିମ୍ବାଧର ବେହେରା ସଭାପତିତ୍ୱ କରିଥିଲେ। ଶେଷରେ ଦିଲ୍ଲୀପ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲିଥିନ ସାହାରାରେ ମଇଳାବୁହା ଟ୍ରଲି

କେନ୍ଦୁଝର, ୧୯।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)



ପଲିଥିନମୁକ୍ତ ସହର ପାଇଁ ଅଭିଯାନ ଚଳାଇଥିବା କେନ୍ଦୁଝର ଜିଲା ମୁଖ୍ୟାଳୟ ପୌରପାଳିକାର ମଇଳା ବୁହା ଟ୍ରଲି ପଲିଥିନ ସାହାରାରେ ଚାଲିଛି। ଅନେକ ଟ୍ରଲିରେ ଟାୟାର ନ ଥିବାରୁ କର୍ମଚାରୀ ସେଥିରେ ପଲିଥିନ ବାନ୍ଧି ବ୍ୟବହାର କରୁଥିବା ଦେଖାଯାଇଛି। ମଇଳା ଆବର୍ଜନ ସଫେଇ ପାଇଁ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅର୍ଥ ଖର୍ଚ୍ଚ କରା ନା ଯାଇ କର୍ମଚାରୀଙ୍କୁ ବିପଦକୁ ଠେଲି ଦିଆଯାଉଛି ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।

ପ୍ରକାଶ ଯେ, ସହର ସ୍ୱଚ୍ଛତା ରଖିବା ଓ ପରିବେଶ ସୁରକ୍ଷା କରିବାରେ ସଫେଇ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କେନ୍ଦୁଝର ପୌରପାଳିକା ପକ୍ଷରୁ ସଫେଇ କର୍ମଚାରୀଙ୍କୁ ଅବହେଳା କରାଯାଉଛି। ଏ ନେଇ ପୂର୍ବରୁ ଅଭିଯୋଗ ଓ ଖବର ପ୍ରକାଶ ପରେ କର୍ମଚାରୀଙ୍କୁ ଜୋତା ଓ ଗ୍ଲୋଭସ୍ ବଣ୍ଟାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପୁଣି କର୍ମଚାରୀ ବିନା ଜୋତା, ମାସ୍କ ଓ ଗ୍ଲୋଭସ୍‌ରେ କାମ କରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କାମ ହରାଇବା ଭୟରେ ପୌରପାଳିକା କିମ୍ବା କାମ କରାଉଥିବା ଠିକା ସଂସ୍ଥାକୁ ଦାବି କରିପାରୁନାହାନ୍ତି। ଫଳରେ ସଫେଇ କାମ ବାଧାପ୍ରାପ୍ତ ହେବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି ବୋଲି ସାମାଜିକକର୍ମୀ ଦିଲୀପ ସାହୁ କହିଛନ୍ତି। ଏପରିକି ସେମାନଙ୍କ ସଫେଇ ପାଇଁ ଦିଆଯାଉଥିବା ଠେଲା ଗାଡ଼ିଗୁଡ଼ିକ ଭାଙ୍ଗିଯାଇଥିଲେ ହେଁ ସଜଡ଼ାଯାଉନାହିଁ। କେତେକ ମଇଳା ବୁହା ସାଇକେଲ(ଟ୍ରଲି)ର ଟାୟାର ନ ଥିବାରୁ ରିମ୍‌କୁ ପ୍ଲାଷ୍ଟିକ ଜରି ଗୁଡ଼ାଇ ବ୍ୟବହାର କରାଯାଉଛି। ଏ ନେଇ ପଦକ୍ଷେପ ନିଆଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଥିଲେ ହେଁ କେବେ ସମସ୍ୟା ଦୂରହେବ ଦେଖିବାକୁ ବାକି ରହିଲା।

### କେନ୍ଦୁଝର ପୌରପାଳିକା

**■ଟାୟାର ସ୍ଥାନରେ ପ୍ଲାଷ୍ଟିକ୍ ଗୁଡ଼ାଯାଇଛି**

# ଯୋଡ଼ା-ବାମେବାରୀ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଜଟିଳ

ଯୋଡା,୧୯।୧୦(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା-ବାମେବାରି ରାଜ୍ୟ ରାଜପଥରେ ଟ୍ରାଫିକ ସମସ୍ୟା ଜଟିଳ ହୋଇଛି। ଗତ କିଛି ଦିନ ହେବ ରାସ୍ତାରେ ଘଣ୍ଟାଧିକ ସମୟ ଗାଡ଼ି ଅଟକି ରହୁଛି। ଫଳରେ ପୂଜା ବଜାରରେ ଲୋକେ ଯାତାୟାତରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉତ୍ତର ଓଡ଼ିଶାରେ ପ୍ରସିଦ୍ଧ ଲାଭ କରିଥିବା ଯୋଡ଼ାର ଲକ୍ଷ୍ମୀ ପୂଜା ଦେଖିବାକୁ ଆସୁଥିବା ଲୋକେ ଭିଡ଼ରେ ଫସି ଅସନ୍ତୋଷ ପ୍ରକାଶ କରୁଛନ୍ତି।

ପ୍ରକାଶ ଯୋଗ୍ୟ, ଯୋଡା ଖଣି ମଣ୍ଡଳର ବିଭିନ୍ନ ଖଣିରୁ ଏହି ସହର ରାସ୍ତା ଦେଇ ବାଂଶପାଣି ରେଳ ସାଇଡ଼ିଂକୁ ଏବଂ ଦେଶର ଅନ୍ୟ ପ୍ରାନ୍ତକୁ ଖଣିଜ ପରିବହନ ହେଉଛି। ପରିବହନ ସମୟରେ ଟ୍ରକ୍‌ଗୁଡ଼ିକ ମୁଖ୍ୟ ରାସ୍ତାକୁ ଅବରୋଧ କରି ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି। ଟ୍ରକ୍‌ଗୁଡ଼ିକ ୨, ୩ ଲାଇନ୍‌ରେ ଠିଆ ହେଉଥିବାରୁ ଛୋଟ ଯାନବାହାନ ଏପରିକି ବାଇକ ମଧ୍ୟ ଯିବା କଷ୍ଟକର ହୋଇପଡୁଛି। ଭିଡ଼ରେ ସ୍କୁଲ ବସ୍, ଆମ୍ବୁଲାନ୍ସ ଫସି ରହୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ଯୋଡ଼ା ସହରକୁ ସଂଲଗ୍ନ କରୁଥିବା ଜୁରୁଡ଼ି, ଜଜାଙ୍ଗ, ଜରିବହାଲ, ଜଲହରୀ, ବାମେବାରି, କାଳିମାଟି ଅଞ୍ଚଳବାସୀ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା ଜାରି କରାଯାଉଥିଲେ ହେଁ କୌଣସି ଖଣି କମ୍ପାନୀ, ଶିଳ୍ପ ସଂସ୍ଥା, ପରିବହନ ସଂସ୍ଥା ଏହାକୁ ଭ୍ରୁକ୍ଷେପ କରୁନାହାନ୍ତି। ଗତ କିଛି ବର୍ଷ ପୂର୍ବରୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଟ୍ରାଫିକ ଜାମ ହେଉଥିବା ସ୍ଥାନରେ ଘରୋଇ

### ପୂଜା ବଜାରରେ ଲୋକେ ହନ୍ତସନ୍ତ

ସୁରକ୍ଷାକର୍ମୀ ଓ ପୋଲିସ ନିୟୋଜିତ କରାଯାଇଥିଲା। ଏହି ସବୁ ବ୍ୟବସ୍ଥା ଏବେ ସମ୍ପୂର୍ଣ ବନ୍ଦ ହୋଇଯାଇଛି। ଖଣି ଖନନ ଯୋଗୁ ରାଜ୍ୟ ସରକାର ବ୍ୟାପକ ରାଜସ୍ୱ ପାଉଛନ୍ତି। ଖଣି ଓ ଶିଳ୍ପ ସଂସ୍ଥାମାନେ ଅନେକ କୋଟି ଟଙ୍କା ମୁନାଫା କମାଉଛନ୍ତି। ପ୍ରତିବଦଳରେ ଧୂଳି, ଧୂଆଁ, ଦୁର୍ଘଟଣା ଓ ଟ୍ରାଫିକ ଜାମ ଭଳି ସମସ୍ୟା ଲୋକଙ୍କୁ ମିଳୁଛି। ଏ ଦିଗରେ ଜିଲା ପ୍ରଶାସନଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି ଜରିବାହାଲ ବିଶ୍ୱାସ ଯୁବକ ସଂଘର ସଭାପତି ଶିବୁ ଶର୍ମା, ବିନୋଦ କାରୁଆ, ଜୁରୁଡ଼ି ଅଞ୍ଚଳର ସୁରେନ୍ଦ୍ରନାଥ ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ମା’ ଲକ୍ଷ୍ମୀଙ୍କୁ ଆବାହନ



ଔପଦା, ୧୯।୧୦(ଧରିତ୍ରୀ ପଣ୍ଡା)

ଔପଦା ସାର୍ବଜନୀନ ଦୁର୍ଗାମଣ୍ଡପରେ ଧନଦାତ୍ରୀ ମା’ ଲକ୍ଷ୍ମୀଙ୍କ ପୂଜା କରାଯାଇଛି। ପାଟପୁର ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ଅଧିକାରୀ ସୁରେନ୍ଦ୍ର ପ୍ରସାଦ ନାୟକ ତାଙ୍କ ସ୍ତ୍ରୀ ସ୍ନେହଲତା ନାୟକ, ପୁତ୍ର ସଚ୍ଚିଦାନନ୍ଦ ନାୟକ, ତଳକିଆ ଗ୍ରାମର ଶାନ୍ତନୁ ପଣ୍ଡା, ନରେନ୍ଦ୍ର ନାୟକ କଳସ ବୁଡ଼ାଇ ମଣ୍ଡପରେ ସ୍ଥାପନା ପରେ ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ରୀତିକାନ୍ତି ଅନୁସାରେ ମା’ ଲକ୍ଷ୍ମୀଙ୍କ ପୂଜା କରାଯାଇଥିଲା। ପରେ ନାୟକ ପରିବାରଙ୍କ ପକ୍ଷରୁ ପୂଜା ମଣ୍ଡପ ଠାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟମକ୍ରମରେ ସାମାଜିକ କର୍ମୀ କନକଲତା ନାୟକଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗରୁ ସାମାଜିକ କର୍ମୀ ପରିଚାଳନାରେ ସହଯୋଗ କରିଥିଲେ।

# ଅବ୍ୟବସ୍ଥାରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଜଳେଶ୍ୱର, ୧୯।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହା ଅଧୀନରେ ଥିବା ୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ଡାକ୍ତର, ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ଉପକରଣ ସହିତ ଶବ ରଖିବା ଗୃହ ମଧ୍ୟ ନାହିଁ ଏବଂ ଡାକ୍ତରଙ୍କ କୋଠରୀ ମଧ୍ୟ ଅପନ୍ତରା ହୋଇରହିଛି।

ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦେଢ଼ଲକ୍ଷ ଲୋକ ନିର୍ଭର କରୁଥିବା ବେଳେ ସୀମାନ୍ତବାସୀ ମଧ୍ୟ ନିର୍ଭର କରନ୍ତି। ଫଳରେ ଆଉଟ୍‌ଡୋର୍ ଚିକିତ୍ସା ପାଇଁ ହାତୀଗଡ଼ ହସ୍‌ପିଟାଲ୍‌ରେ ପ୍ରତିଦିନ ସକାଳେ ରୋଗୀଙ୍କ ଲମ୍ବାଲାଇନ୍ ଲାଗିଥାଏ। ପ୍ରତିଦିନ ଆଉଟଡୋର୍‌ରେ ପାଖାପାଖି ୩୦୦ଜଣ ଆସିଥାନ୍ତି। କର୍ମଚାରୀ ଅଭାବ ସାଙ୍ଗକୁ ବିଭିନ୍ନ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। କେଉଁଠି ଆବଶ୍ୟକ ଭିତ୍ତିଭୂମି ନାହିଁ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି କାରଣରୁ ବିଦ୍ୟୁତ୍ ଚାଲିଗଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଜିର ବ୍ୟବସ୍ଥା ନାହିଁ। ଫଳରେ ଡାକ୍ତରଙ୍କୁ ଚିକିତ୍ସା କରିବାରେ ବାଧା ଉପୁଜିଥାଏ। ଅନେକ ସମୟରେ ଡାକ୍ତରମାନେ ଟର୍ଚ୍ଚ ଜାଳି ମଧ୍ୟ ଚିକିତ୍ସା କରିଥାନ୍ତି।



ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ରାଇବଣିଆ ଅଞ୍ଚଳରେ ଥିବା ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ୧୨ଟି ପଞ୍ଚାୟତ ଯଥା: ଚମାରଗାଁ, ଡିପିପୁର, ଖୁଦିଆମାଝି ସାହି, କଳମା, କାଳିକ, ଖୁଆଡ଼, ରାଇବଣିଆ, ମାକିଡ଼ିଆ, ଓଲମରା, ସର୍ଦ୍ଦାରବନ୍ଧ, ବରଡିହା, ଶ୍ୟାମନଗର ଓ ଶ୍ରୀରାମପୁର ଆଦିର ହଜାର ହଜାର ଲୋକେ ନିର୍ଭର କରିଥା’ନ୍ତି। ଏଠାରେ ସରକାରୀ ନିୟମ ମୁତାବକ ଡାକ୍ତର ନାହାନ୍ତି। ୪ଜଣ ଏମ୍‌ବିବିଏସ୍ ଡାକ୍ତର, ଜଣେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଥିବା ବେଳେ ଆଉ ସବୁ ବିଶେଷଜ୍ଞ ପଦବୀ ୧୨ବର୍ଷ ଧରି ଖାଲି ପଡ଼ିଛି। ଜଣେ ଆୟୁଷ ଡାକ୍ତର ନିୟୋଜିତ ଥିଲେ ମଧ୍ୟ ରୋଗୀଙ୍କ ସଂଖ୍ୟା ତୁଳନାରେ ବହୁତ କମ୍। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏଁ ସର୍ଜରୀ, ଶିଶୁ ରୋଗ, ମେଡିସିନ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହେବା କଥା, ଏସବୁ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ସାମାନ୍ୟ ଗୁରୁତର ରୋଗୀଙ୍କୁ ଏଠାରୁ ରେଫର୍ କରି ଦିଆଯାଉଛି। ଫଳରେ ଗରିବ ରୋଗୀମାନେ ଅର୍ଥ ଅଭାବରୁ ଚିକିତ୍ସା ନ ପାଇ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଚତୁର୍ଥ ଶ୍ରେଣୀ କର୍ମଚାରୀ ଯଥା; ଡ୍ରେସର, ସୁଇପର, ଅଫିସ୍ ପିଅନ୍, ଆଟେଣ୍ଡାଣ୍ଟ ଆଦି ୪ଟି ପଦ ଖାଲି ପଡ଼ିଛି। ଲୋକଙ୍କୁ ଜନ୍ମମୃତ୍ୟୁ ପ୍ରମାଣପତ୍ର ହାତୀଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରୁ ଯୋଗାଇବାକୁ ବ୍ୟବସ୍ଥା ରହିଛି। ଏହି ଦାୟିତ୍ୱରେ ରହୁଥିବା ଅଧିକାରୀ ଠିକ୍ ସମୟରେ ପ୍ରମାଣପତ୍ର ଦେଇପାରିନାହାନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଠାରେ ଦୁଇଟି ଫାର୍ମାସିଷ୍ଟ ପଦକୁ ଅନୁମୋଦନ ମିଳିଥିଲେ ମଧ୍ୟ ଗୋଟିଏ ପଦବୀ ଦୀର୍ଘଦିନ ଧରି ଖାଲିରହିଛି। ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀ ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣର ବି ଆବଶ୍ୟକତା ରହିଛି। କେବଳ ସେତିକି ନୁହେଁ, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଅବସ୍ଥା ମଧ୍ୟ ଅନୁରୂପ। ଜଳେଶ୍ୱରର ବଡ଼ବଜାର, ଶିଖରପୁର, ଲକ୍ଷ୍ମଣନାଥ, ନମ୍ପୋ , ଛମୌଜ, ଜମାଲପୁର, ଶାଳବଣି, ଖୁଆଡ଼ ଓ ଓଲମରା ଆଦି ସ୍ଥାନରେ ମୋଟ ୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ କେଉଁଠି ଫାର୍ମାସିଷ୍ଟ ଅଭାବ ତ ଆଉ କେଉଁଠି ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଭାବ ରହିଛି। ଖୁଆଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବା ଡାକ୍ତର ମଧ୍ୟ ସପ୍ତାହକୁ ଦୁଇ ଦିନ ଆସୁଛନ୍ତି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଫଳରେ ରୋଗୀସେବାରେ ବ୍ୟାଘାତ ସୃଷ୍ଟି ହେଉଛି। ଡାକ୍ତରମାନଙ୍କୁ ଡେପୁଟେଶନରେ ମଧ୍ୟ ପଠାଯାଉଛି। ଯାହାଦ୍ୱାରା ରୋଗୀସେବା ପ୍ରଭାବିତ ହେଉଛି। ତେଣୁ ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ଅଞ୍ଚଳର ସାମାଜିକ କର୍ମୀ ଆଶିଷ ଘୋଷ, ସୁକୁମାର ଘୋଷ, ସନତ ସାହୁ, ସୁଜିତ୍ ଦାସ୍, ସପନ ବିଦ୍ଧାଣି, ବାଦଲ ସୋରେନ୍, ଦିବେନ୍ଦୁ ଦେ ପ୍ରମୁଖ ଅଞ୍ଚଳବାସୀ ଦାବି ଉଠାଇଛନ୍ତି। ଏନେଇ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ବିଷୟରେ ସମୀକ୍ଷା କରି ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ।

# ‘ନାଟକ ସମାଜର ବାସ୍ତବ ଚିତ୍ର ବହନ କରେ’


ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

■ ଶିଶୁ ନାଟକ ମହୋତ୍ସବର ରୌପ୍ୟଜୟନ୍ତୀ ଉଦ୍‌ଘାଟିତ
■ ‘ପଦ୍ମିନୀ କହୁଛି କାହାଣୀ ତାର’ ଓ ‘ବାପା ମତେ କ୍ଷମା କର’ ମଞ୍ଚସ୍ଥ

ବାଲେଶ୍ୱର, ୧୯।୧୦(ବାଞ୍ଛାନିଧି ଦେ)

ନାଟକ ଜୀବନର କଥା କହେ। ସମାଜର ବାସ୍ତବ ଚିତ୍ର ବହନ କରେ। ପୃଥିବୀର ସବୁ ଭାଷାର ସାହିତ୍ୟ ସହିତ ନାଟକ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜୀବନ ସହିତ ସାହିତ୍ୟ ଯେମିତି ଯୋଡ଼ି ହୋଇରହିଛି। ସାହିତ୍ୟ ସହିତ ନାଟକ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ରୌପ୍ୟଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱରର ନାଟ୍ୟ ଅନୁଷ୍ଠାନ ‘କଳାକାର’ ପକ୍ଷରୁ ଆୟୋଜିତ ଶିଶୁ ନାଟକ ମହୋତ୍ସବର ରୌପ୍ୟ ଜୟନ୍ତୀ ଓ ୩୪ତମ ବାର୍ଷିକ ଉତ୍ସବ-୨୦୨୪ ଗାନ୍ଧୀ ସ୍ମୃତିଭବନ ମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ଡା. ଅସିତ ପ୍ରଧାନ, ଅନୁଷ୍ଠାନ ସଭାପତି ସୁରଞ୍ଜନ ଦାସମହାପାତ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନ ଉପଦେଷ୍ଟା ମମତା ମହାପାତ୍ର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ଅଶ୍ୱିନୀ କୁମାର ସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଇଂ. ଶ୍ରୀତମ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ‘ପଦ୍ମିନୀ କହୁଛି କାହାଣୀ ତାର’ ମଞ୍ଚସ୍ଥ ହୋଇଥିଲା। ଏହାପରେ ନାଟ୍ୟକାର ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନଙ୍କ ରଚିତ ଅଶ୍ୱିନୀ କୁମାର ସ’ଙ୍କ ନିର୍ଦ୍ଦେଶିତ ‘କଳାକାର’ ଅନୁଷ୍ଠାନ ପକ୍ଷରୁ ‘ବାପା ମତେ କ୍ଷମା କର’ ନାଟକ ମଞ୍ଚସ୍ଥ କରାଯାଇଥିଲା।

# ଜନଜାତି ଛାତ୍ରୀନିବାସର ଶିଳାନ୍ୟାସ କଲେ ବିଧାୟକ

ଖଇରା, ୧୯।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସରକାରୀ ହାଇସ୍କୁଲ ଜନଜାତି ଛାତ୍ରୀନିବାସର ଶିଳାନ୍ୟାସ କାର୍ଯ୍ୟକ୍ରମ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୁପାରୀ ଭଳି ଜନଜାତି ବହୁଳ ଅଞ୍ଚଳରେ ଉକ୍ତ ଛାତ୍ରୀନିବାସର ଆବଶ୍ୟକତା ଥିଲା। ଏଣୁ ଏହା ସେମାନଙ୍କର ଉପସ୍ଥାପନ ବଢାଇବ ବୋଲି ପ୍ରକାଶ କରିଥିଲେ। ସମିତିସଭ୍ୟ ଅକ୍ଷୟ କୁମାର ଜେନା, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କୁପାରୀ ହାଇସ୍କୁଲ ପାଇଁ ଏକ ସାଇକେଲ ଷ୍ଟାଣ୍ଡ, ଶ୍ରେଣୀଗୃହ, ରୋଷେଇ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ପାଇଁ ଦାବି କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ମନୋଜ କୁମାର ସେଣ୍ଠି, ସହକାରୀ ଯନ୍ତ୍ରୀ ବୁଦ୍ଧଦେବ ସିଂ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀନିବାସ ପାଇଁ ପାଖାପାଖି ୨ କୋଟି ଟଙ୍କା ପ୍ରଦାନ କରାଯାଇଛି, ୧୧ମାସ ମଧ୍ୟରେ କାମ ଶେଷ ପରେ ଏହା ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା।


ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ ଫଳକ ଉନ୍ମୋଚନ କରାଯାଉଛି ।

# ୩ ଶ୍ରେଷ୍ଠ ଦୁର୍ଗାପୂଜା କମିଟି ପୁରସ୍କୃତ


ପୁରସ୍କୃତ କମିଟି ଓ ସ୍ୱେଚ୍ଛାସେବୀଙ୍କ ସହ ପ୍ରଶାସନିକ ଅଧିକାରୀ।

ବାଲେଶ୍ୱର, ୧୯।୧୦(ବାଞ୍ଛାନିଧି ଦେ)

## ୨୫ ସ୍ୱେଚ୍ଛାସେବୀ ସମ୍ମାନିତ

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ୩ ଶ୍ରେଷ୍ଠ ସାର୍ବଜନୀନ ଦୁର୍ଗାପୂଜା କମିଟିକୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଜିଲାପରିଷଦ ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଏଏସ୍‌ପି ପ୍ରଦୀପ କୁମାର ଦଳେଇ ଓ ଦେବଜ୍ୟୋତି ଦାସ ପ୍ରମୁଖ ଯୋଗଦେଇ ଚଳିତବର୍ଷ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଥିବାରୁ ସହରବାସୀ ସମଗ୍ର ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଗଡ଼ଗଡ଼ିଆ ଦୁର୍ଗାପୂଜା କମିଟିକୁ ପ୍ରଥମ, ମଣ୍ଡଳବଜାର ପୂଜା କମିଟିକୁ ଦ୍ୱିତୀୟ ଓ ଚାନ୍ଦମାରି ପଡ଼ିଆ ଦୁର୍ଗାପୂଜା କମିଟିକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶାସନକୁ ଦୁର୍ଗାପୂଜା, ଭସାଣି ଓ ଆଖଡ଼ା ଖେଳରେ ସହଯୋଗ କରିଥିବା ୨୫ଜଣ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଥିଲା। ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ ଓ ସହଦେବଖୁଣ୍ଟା ଥାନା ଆଇଆଇସି ଜୟନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲକ୍ଷ୍ମଣନାଥ ପୁରୁଣା ତନଖି ଫାଟକ ସ୍ଥାନ ଜବରଦଖଲ

ଜଳେଶ୍ୱର, ୧୯।୧୦ (ରବିନାରାୟଣ ପାତ୍ର)

## ପରିଦର୍ଶନ କଲେ ଡେପୁଟି କମିଶନର

ପୁରୁଣା ଜଗନ୍ନାଥ ସଡ଼କ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଲକ୍ଷ୍ମଣନାଥଠାରେ ରାଜ୍ୟ ସରକାରଙ୍କ ବାଣିଜ୍ୟକର ବିଭାଗର ଏକ ତନଖି ଫାଟକ ରହିଥିଲା। ସେଠାରେ ବାଣିଜ୍ୟକର, ଏମ୍‌ଭିଆଇ, ଯୋଗାଣ ବିଭାଗର କର୍ମଚାରୀମାନଙ୍କ ଲାଗି କାର୍ଯ୍ୟାଳୟ ଥିବା ବେଳେ ପରବର୍ତ୍ତୀ ସମୟରେ ଏହି ତନଖି ଫାଟକ ନୂତନ ଭାବେ ନିର୍ମିତ ୬୦ନଂ. ଜାତୀୟ ରାଜପଥକୁ ସ୍ଥାନାନ୍ତର ହୋଇଥିଲା। ପରିତ୍ୟକ୍ତ ଅବସ୍ଥାରେ ଏହି ପୁରୁଣା ତନଖି ଫାଟକର ୨ ଏକର ସ୍ଥାନ ବର୍ଷ ବର୍ଷ ଧରି ପଡିରହିଥିବା ବେଳେ ଏବେ ଏହା ଜବରଦଖଲ ହୋଇଛି। ସେଠାରେ ଥିବା ପକ୍କାଗୃହ ଓ ଖୋଲା ସ୍ଥାନଗୁଡ଼ିକୁ କେତେକ ବ୍ୟକ୍ତି ବ୍ୟବହାର କରୁଥିବା ବେଳେ ବିକ୍ରି ହୋଇଥିବା ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଅଭିଯୋଗ ହୋଇଥିବାରୁ ଶନିବାର ବାଲେଶ୍ୱରସ୍ଥିତ ବାଣିଜ୍ୟକର ବିଭାଗର ଡେପୁଟି କମିଶନର ଧୀରେନ୍ କୁମାର ସାହୁ ସଦଳବଳେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଉକ୍ତ ସ୍ଥାନ ରାଜ୍ୟ ସରକାରଙ୍କ ବାଣିଜ୍ୟକର ବିଭାଗର ବୋଲି ସ୍ପଷ୍ଟ କରିଥିବା ବେଳେ ଜବରଦଖଲ ହୋଇଥିବା ସ୍ଥାନର ସ୍ଥିତାବସ୍ଥା ବଜାଇ ରଖିବା ଲାଗି ତହସିଲଦାର ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତିଙ୍କ ମତାମତ ଲୋଡ଼ିବାରୁ କୌଣସି ଅଭିଯୋଗ ତାଙ୍କ ନିକଟକୁ ଆସି ନ ଥିବା ବେଳେ ସେ ତଦନ୍ତ କରିବେ ବୋଲି କହିଛନ୍ତି।

# ‘ଡଗରା ଜନଶୁଣାଣିରେ ବାହାର ଲୋକଙ୍କୁ ବିରୋଧ କରାଯିବ’

ବାଲିଆପାଳ,୧୯।୧୦
(ଗୋପାଳ ଚନ୍ଦ୍ର ସାହୁ)

## ଚଉମୁଖଠାରେ ପ୍ରସ୍ତାବିତ ବନ୍ଦର ପ୍ରତିଷ୍ଠା ପ୍ରସଙ୍ଗ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚଉମୁଖଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଦୂଷଣବୋର୍ଡ ପକ୍ଷରୁ ଚଳିତମାସ ୨୨ ତାରିଖରେ ଡଗରାଠାରେ ଜନଶୁଣାଣି ଅନୁଷ୍ଠିତ ହେବ। ଏଥିରେ ପ୍ରଭାବିତ ଚଉମୁଖ ପଞ୍ଚାୟତର ଜନସାଧାରଣଙ୍କ ବ୍ୟତୀତ ବାହାର ଲୋକଙ୍କ ଉପସ୍ଥିତିକୁ ଚଉମୁଖ ପଞ୍ଚାୟତବାସୀଙ୍କ ପକ୍ଷରୁ ବିରୋଧ କରାଯିବ ବୋଲି ଶନିବାର ବାଲିଆପାଳ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚଉମୁଖ ସରପଞ୍ଚଙ୍କ ପ୍ରତିନିଧି ବେଣୁଧର ରଣଜିତ, ଜିଲା ପରିଷଦ ସଦସ୍ୟ ବାବାଜି ଦେହୁରୀ, ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, କଂଗ୍ରେସ ଯୁବନେତା ତୀର୍ଥ ନାଗ ଓ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ବେଣୁଧର ବେହେରା, ଅସିତ ଦେ, ବିଜୟ କୁମାର ବାଗ, ଅମର ମିଶ୍ର, ଅଜୟ କୁମାର ଦଳାଇ, ଜନ୍ମେଜୟ ପାତ୍ର, ଅର୍ଜୁନ ଦାସ, ରଞ୍ଜନ ମଣ୍ଡଳ, ଭଗବାନ ବେହେରା ଓ ପ୍ରଶାନ୍ତ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି। ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ କହିଛନ୍ତି, ପ୍ରଶାସନ ଅତୀତର ଜଣଶୁଣାଣିରେ ଘଟିଥିବା ଘଟଣାର ପୁନରାବୃତ୍ତି ନ କରନ୍ତୁ। ବାହାର ଲୋକଙ୍କୁ ଆଣି ଚଉମୁଖ ପଞ୍ଚାୟତର ନିରୀହ ଜନତାଙ୍କ ଉପରେ ଆକ୍ରମଣ କରିବାର ମନ୍ଦ ଉଦ୍ଦେଶ୍ୟରୁ ନିବୃତ୍ତ ରୁହନ୍ତୁ। ନିୟମ ମୁତବକ ୧ ମାସ ପୂର୍ବରୁ ଲୋକଙ୍କୁ ଜନଶୁଣାଣି ବାବଦରେ ନୋଟିସ ଦେବା ଜରୁରୀ ଥିବା ବେଳେ ତାହା କରା ନ ଯାଇ ଗତ ୧୯ତାରିଖରେ ନୋଟିସ ଦେବା ଆଦୌ ସମଚୀନ ନୁହେଁ। ତେବେ ବନ୍ଦର ପ୍ରଭାବିତ ଅଞ୍ଚଳ ଚଉମୁଖଠାରେ ଜନଶୁଣାଣି କଲେ ଆମେ ସହଯୋଗ କରିବୁ। ଚଉମୁଖ ବ୍ୟତୀତ ଅନ୍ୟ ଯେକୌଣସି ସ୍ଥାନରେ ବାହାର ଲୋକଙ୍କୁ ନେଇ ଜନଶୁଣାଣି କଲେ ବିରୋଧ କରାଯିବ ବୋଲି କହିଛନ୍ତି। ତେବେ ବାହର ଲୋକଙ୍କୁ ନେଇ ଜନଶୁଣାଣି କଲେ ଯଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତା’ହେଲେ ପ୍ରଶାସନ ଦାୟୀ ରହିବ ବୋଲି କହିଛନ୍ତି।


ବାଲିଆପାଳ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

# ସ୍ୱାଧୀନତା ସଂଗ୍ରାମୀ ସପନୀ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୧୯।୧୦(ତପନ ନାୟକ)

ଜଳେଶ୍ୱରର ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ ସପନୀ ଜେନାଙ୍କର ଶ୍ରଦ୍ଧାଞ୍ଜଳି ସଭା ଶାନ୍ତିଆସ୍ଥିତ ଶ୍ରୀନାଥଚନ୍ଦ୍ର ସୀମାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲୀପ କୁମାର ଗିରି ସଭାପତିତ୍ୱ କରି ମହାତ୍ମା ଗାନ୍ଧୀଙ୍କ କର ବା ମର ଡାକରାରେ ଅନୁପ୍ରାଣିତ ହୋଇଥିବା ସିପନୀ ଜେନା ଉତ୍ତର ବାଲେଶ୍ୱରରେ ଦୁର୍ଭିକ୍ଷ ବେଳେ ଲୋକଙ୍କ ଖାଦ୍ୟ ଯୋଗାଇବାକୁ ଯାଇ ବ୍ରିଟିଶ ପୋଲିସର ଗୁଳିର ଶିକାର ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଶ୍ୱିନୀ ପାତ୍ର, ଗବେଷକ ଡ. ଶ୍ରୀକାନ୍ତ ପାତ୍ର, ଶିକ୍ଷକ ନେତା ମନୋରଞ୍ଜନ ଦାସ, ପୂର୍ବତନ ଅଧ୍ୟକ୍ଷ ଜିତାରାମ ଦେ, ଶ୍ୟାମାଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଦୀଘା, ତାଳସାରୀରେ ୧୦ଫୁଟ ଉଚ୍ଚର ଜୁଆର

ଭୋଗରାଇ, ୧୯।୧୦(ପ୍ରଦୀପ ଦାସ)

ପୂର୍ଣ୍ଣିମା ତିଥି ସହ ଲଘୁଚାପ ଘୂର୍ଣ୍ଣିବଳୟ ଯୋଗୁ ସମୁଦ୍ର ଅଶାନ୍ତ ହୋଇଛି। ଏଭଳି ସ୍ଥିତିରେ ଗୁରୁବାରଠୁ ଶନିବାର ପର୍ଯ୍ୟନ୍ତ ସମୁଦ୍ରରେ ୧୦ଫୁଟ ଉଚ୍ଚର ଜୁଆର କୂଳ ଆଡକୁ ମାଡ଼ି ଆସି ତଟସୁରକ୍ଷା ବନ୍ଧରେ କଚାଡି ହୋଇପଡୁଛି। ଦୀଘାରୁ କୀର୍ତ୍ତନିଆ ୧୫ କି.ମି. ପର୍ଯ୍ୟନ୍ତ କୂଳବାସୀ ସମୁଦ୍ରର ଏପରି ଭୟଙ୍କର ରୂପ ଦେଖି ଶଙ୍କିତ ହୋଇଛନ୍ତି। ଶୁକ୍ରବାର ଦିନ ଓ ରାତିରେ ସମୁଦ୍ରର ଉତ୍ତାଳ ଢେଉ ପଥରବନ୍ଧ ଡେଇଁ ଦୀଘା ସୈକତ ସହରରେ ପ୍ରବେଶ କରିଥିବାରୁ ପର୍ଯ୍ୟଟକମାନେ ରୋମାଞ୍ଚିତ ହୋଇଛନ୍ତି। ଦୀଘା ଉପକୂଳ ତଟସୁରକ୍ଷା ପଥର ବନ୍ଧରେ ହଜାର ହଜାର ପର୍ଯ୍ୟଟକ ସମୁଦ୍ର ଢେଉର ମଜା ନେଉଛନ୍ତି । ଏଥିସହିତ ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ଡଗରା ଆଦି ସମୁଦ୍ରକୂଳରେ ଉଚ୍ଚ ଜୁଆର ମାଡିଆସିବାରୁ କୂଳବାସୀ ଭୟଭୀତ ହେବା ସହିତ ଡ଼ଙ୍ଗାଗୁଡିକ ଭାଙ୍ଗିରୁଜି ଯାଇଛି। ୨୦୨୧ରେ ବାତ୍ୟା ୟାସ ୧୫ ଫୁଟ ଉଚ୍ଚର ସମୁଦ୍ର ଜୁଆର ମାଡି ଆସି ଶତାଧିକ ଗାଁରେ ଲୁଣା ଜଳ ପ୍ରବେଶ କରିଥିଲା।

# କଂଗ୍ରେସର ‘ଗାଁକୁ ଚାଲ ଅଭିଯାନ’

## ରସାଲପୁରରେ ପଦଯାତ୍ରା ଆରମ୍ଭ

ରେମୁଣା, ୧୯।୧୦(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା କଂଗ୍ରେସ ତରଫରୁ ‘ଗାଁକୁ ଚାଲ ଅଭିଯାନ’ ଅବସରରେ ରସାଲପୁର ପଞ୍ଚାୟତରେ ପଦଯାତ୍ରା ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ଆହ୍ୱାନକ୍ରମେ ରସାଲପୁର ପଞ୍ଚାୟତ ସଭାପତି ଜୁବୁଲି ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଡବଲ ଇଞ୍ଜିନ ଭାଜପା ସରକାରର ୧୦୦ ଦିନର ବିଫଳତା ଓ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ପୂରା ବିଫଳତାକୁ ନେଇ ଲୋକଙ୍କୁ ପଦଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ନାଥ ଦାସ (ସୁରେନ୍ଦ୍ର ସର୍ଦ୍ଦାର)ଙ୍କ ପ୍ରତିମୂର୍ତ୍ତିରେ ନେତୃବୃନ୍ଦ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ରସାଲପୁର କାଳୀମଣ୍ଡପ ପ୍ରାଙ୍ଗଣରେ ପିସିସି ସଭ୍ୟ ବିକାଶ କୁମାର ଦାସଙ୍କ ସଭାପତିତ୍ୱରେ ଏକ ପ୍ରଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ଜେନା, ପଞ୍ଚାୟତ ସଭାପତି ପଣ୍ଡାଙ୍କ ସମେତ ଯୁଗଳ ମୋହଲ, ଜ୍ୟୋତ୍ସ୍ନା ସେନାପତି, କହ୍ନେଇ ବେହେରା ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ଭାଜପା ସରକାରର ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା ବକ୍ତବ୍ୟରେ କହିଥିଲେ। ପରେ ବିଭିନ୍ନ ସ୍ଲୋଗାନ ଦେଇ ନେତା ଓ କର୍ମୀମାନେ ପଦଯାତ୍ରାରେ ରସାଲପୁର ଗ୍ରାମ ପରିକ୍ରମା କରିଥିଲେ। ରମେଶ ଦାସ, କେଶବ ନାୟକ, ରବୀନ୍ଦ୍ର ଘଡେଇ, ସତ୍ୟନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ମହାଲିକ, ରାଜେନ୍ଦ୍ର ଦାସ, ମାଲିକ ଜଲାଲ, ସେକ ମାସୁମ, ସଞ୍ଜୟ ମୋହଲ ଓ ମିଳନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଶିକ୍ଷୟିତ୍ରୀଙ୍କୁ ବିରୋଧ କରି ଫାଟକରେ ତାଲା

ନୀଳଗିରି, ୧୯।୧୦(ପ୍ରଶାନ୍ତ ବିଶ୍ୱାଳ)

ଫାଟକରେ ତାଲା ପକାଇ ସହକାରୀ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ପରିସରରେ ପୂରାଇ ଦେଲେନି ଅଭିଭାବକ। ଘଣ୍ଟାଏ ପର୍ଯ୍ୟନ୍ତ ସ୍କୁଲ ହତା ବାହାରେ ଛିଡା ହେଲେ ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ। ନିଲମ୍ବନ ଓ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ପରେ ଶିକ୍ଷୟିତ୍ରୀ କାହିଁକି ସ୍କୁଲକୁ ଆସୁଛନ୍ତି ବୋଲି କହି ତାଲା ଝୁଲାଇଥିଲେ ଅଭିଭାବକ। ଏଭଳି ଏକ ଘଟଣା ଘଟିଛି ନୀଳଗିରି ବ୍ଲକ ଜଡ଼ଦା ଗ୍ରାମର ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟରେ।

ଶନିବାର ସ୍କୁଲ ଥିବାରୁ ସକାଳୁ ସହକାରୀ ଶିକ୍ଷୟିତ୍ରୀ ବର୍ଷା ଜେନା ସ୍କୁଲକୁ ଯାଇଥିଲେ। ଦିଦିଙ୍କୁ ସ୍କୁଲରୁ ନିଲମ୍ବନ କରାଯାଇ ଅନ୍ୟତ୍ର ବଦଳି କରାଯାଇଛି, ଦିଦି କାହିଁକି ସ୍କୁଲକୁ ଆସୁଛନ୍ତି ବୋଲି କହିବା ସହ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ବିରୋଧ କରିଥିଲେ। କାର୍ଯ୍ୟରେ ଅବହେଳା କରିବା, ଠିକ୍ ସମୟରେ ସ୍କୁଲ ନ ଆସିବା ଓ ଅଭିଭାବକଙ୍କୁ ଦୁର୍ବ୍ୟବହାର କରିବା ଭଳି ଅଭିଯୋଗ ହେବା ପରେ ବିଇଓ ଗତ ୭ ତାରିଖରେ ଏକ ତଦନ୍ତକାରୀ ଟିମ୍ ପଠାଇ ତଦନ୍ତ କରି ଉକ୍ତ ଶିକ୍ଷୟିତ୍ରୀଙ୍କୁ କଦମଗଡ଼ି ସ୍କୁଲରେ ଯୋଗଦେବା ପାଇଁ ଚିଠି କରିଥିଲେ। ଉକ୍ତ ଚିଠିକୁ ଗ୍ରହଣ ନ କରିବା ସହ ସ୍କୁଲକୁ ପଢ଼ାଇବା ପାଇଁ ଆସୁଥିଲେ। ଫଳରେ ଶନିବାର ସକାଳ ୬ଟା ୩୦ମିନିଟ୍‌ରେ ଅଭିଭାବକ ଫାଟକରେ ତାଲା ପକାଇଥିଲେ। ସିଆର୍‌ସିସି କୁଞ୍ଜବିହାରୀ ବେହେରା ଆସି ବୁଝାଶୁଝା କରିବା ପରେ ଉତ୍ତେଜିତ ଅଭିଭାବକ ଫାଟକ ଖୋଲିଥିଲେ। ହେଲେ ଶିକ୍ଷୟିତ୍ରୀ ବର୍ଷା ଜେନା ସ୍କୁଲ କମିଟି ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ଯେ, ରାଜନୈତିକ ମତଭେଦ ରଖି ଦଶହରା ଛୁଟି ବେଳେ ନୋଟିସ୍ ନ କରି ନିଲମ୍ବନ କରିଦିଆଯାଇଛି।



ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ।

